
୧୮ ଅକ୍ଟୋବର ୨୦୨୬ ରବିବାର
ସମୟ
ଧରାଧାମେ
ମା'





**ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ, ଏହା ହେଉଛି ମାତୃଶକ୍ତି, ଆଶା ଆଉ ବିଶ୍ୱାସର ମହାପର୍ବ । ଓଡ଼ିଶାର ବିଭିନ୍ନ ଶକ୍ତି ପୀଠ ସହିତ ସହରରେ ଥିବା ପୂଜା ପେଣ୍ଡାଲରେ ରୀତିନୀତି ସହିତ ପାଳନହୋଇଥାଏ ଦୁର୍ଗାପୂଜା । ସମୟ ତରଙ୍ଗର ଏହି ବିଶେଷ ପୂଜା ସଂଖ୍ୟାରେ ଆସନ୍ତୁ ଜାଣିବା ଦୁର୍ଗାପୂଜାର ପୌରାଣିକ ମହତ୍ତ୍ୱ , ଆଧୁନିକ ସମାଜରେ ଏହାର ପ୍ରାସଙ୍ଗିକତା ଏବଂ ଆମ ସଂସ୍କୃତିର ଏହି ମହାନ ପର୍ବର କିଛି ଅଛପା ପୃଷ୍ଠା...**

ଶରତର ନିର୍ମଳ ଆକାଶ, ନଦୀପଠାରେ କାଶତଣ୍ଡି ଫୁଲର ହସ, ଶେଫାଳିର ସୁବାସ, ଆଉ ପବନରେ ମୃଦୁ ଶୀତଳତାର ଆଗମନ। ଏହି ସୁନ୍ଦର ରୂପସୀ ସନ୍ଧ୍ୟାରେ ମାଟିରେ ଅନୁଭୂତ ହୁଏ ଏକ ଅଲୌକିକ ସ୍ପନ୍ଦନ । ଆଶ୍ୱିନ ମାସର ଶୁକ୍ଳ ପକ୍ଷ ସହିତ ଆରମ୍ଭ ହୁଏ ମା' ଦୁର୍ଗାଙ୍କର ସାପ୍ତାହିକ ଅରାଧନା-ଶାରଦୀୟ ଦୁର୍ଗୋତ୍ସବ । ଜଗତର କଲ୍ୟାଣ, ଅଧର୍ମର ବିନାଶ, ଆଉ ଧର୍ମର ପ୍ରତିଷ୍ଠା ପାଇଁ ମା'ଙ୍କର ଏହି ମହାନ ଅବତାର । ବାୟୁମଣ୍ଡଳରେ ଶଙ୍ଖ-ଘଣ୍ଟର ମଧୁର ଧ୍ୱନି ମଧ୍ୟରେ ଧରାପୃଷ୍ଠକୁ ଅବତରଣ କରିଛନ୍ତି ମା' ଜଗତଜନନୀ ଦୁର୍ଗା ।

## ଅସୁର ସଂହାରିଣୀ ଓ ଜଗତଜନନୀ

ପୁରାଣ ଅନୁସାରେ, ଯେତେବେଳେ ଅସୁରରାଜ ମହିଷାସୁରର ଅତ୍ୟାଚାରରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତ୍ରସ୍ତ ହୋଇଉଠିଥିଲା, ସେତେବେଳେ ତ୍ରିଦେବ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଓ ସମସ୍ତ ଦେବତାଙ୍କର ମିଳିତ ତେଜରୁ ଆର୍ବିଭୂତ ହୋଇଥିଲେ ମା' ଦୁର୍ଗା । ଦେବତାମାନେ ନିଜ ନିଜର ଅସ୍ତ୍ରଶସ୍ତ୍ର ଓ ଶକ୍ତି ମା'ଙ୍କୁ ପ୍ରଦାନ କରିଥିଲେ...

ଶିବ ପ୍ରଦାନ କଲେ ତ୍ରିଶୂଳ
ବିଷ୍ଣୁ ଦେଲେ ଚକ୍ର
ବରୁଣ ଦେଲେ ଶଙ୍ଖ
ଅଗ୍ନି ଦେଲେ ଶକ୍ତି
**ହିମାଳୟ ଦେଲେ ସିଂହ (ବାହନ)**

ଦଶ ଦିଗକୁ ରକ୍ଷା କରିବା ପାଇଁ ଦଶଭୁଜା ଧାରଣ କରି ମା' ମହିଷାସୁର ସହିତ ନଅ ଦିନ ଓ ନଅ ରାତି ଧରି ଘୋର ସଂଗ୍ରାମ କରିଥିଲେ । ଦଶମ ଦିନରେ ଅଧର୍ମର ବିନାଶ କରି



ମା' ''ମହିଷାମର୍ଦ୍ଦିନୀ' ନାମରେ ପରିଚିତ ହେଲେ ।

## ନବରାତ୍ରି: ନବଦୁର୍ଗାଙ୍କ ଦିବ୍ୟ ଆରାଧନା

ଶାରଦୀୟ ଦୁର୍ଗାପୂଜାରେ ନବରାତ୍ରିର ଅତ୍ୟନ୍ତ ଗୁରୁତ୍ୱ ରହିଛି । ଏହି ନଅ ଦିନରେ ମା' ଦୁର୍ଗାଙ୍କର ନଅଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଏ ।

### ପ୍ରଥମ ଦିନ (ପ୍ରତିପଦା): ମା' ଶୈଳପୁତ୍ରୀ ପୂଜା

**ସ୍ୱରୂପ :** ହିମାଳୟରାଜାଙ୍କ କନ୍ୟା ଏବଂ ମହାଦେବଙ୍କ ପତ୍ନୀ ପାର୍ବତୀଙ୍କ ଏହି ରୂପ ।

**ମହତ୍ତ୍ୱ :** ଏହି ଦିନଠାରୁ ନବରାତ୍ରୀ ବ୍ରତ ଓ କଳସ ସ୍ଥାପନ (ଘଟସ୍ଥାପନ) କରାଯାଏ । ଧୈର୍ଯ୍ୟ, ଦୃଢ଼ତା ଓ ଆତ୍ମବଳ ପ୍ରାପ୍ତି ପାଇଁ ମା' ଶୈଳପୁତ୍ରୀଙ୍କୁ ଆରାଧନା କରାଯାଏ ।

### ଦ୍ୱିତୀୟ ଦିନ (ଦ୍ୱିତୀୟା): ମା' ବ୍ରହ୍ମଚାରିଣୀ ପୂଜା

**ସ୍ୱରୂପ:** କଠିନ ତପସ୍ୟା କରିଥିବା ଦେବୀ । ହାତରେ ଜପମାଳା ଓ କମଣ୍ଡଳୁ ଧାରଣ କରିଥାଆନ୍ତି ।

**ମହତ୍ତ୍ୱ :** ତପସ୍ୟା, ଜ୍ଞାନ, ବୈରାଗ୍ୟ ଏବଂ ସାଧନା ପାଇଁ ଏହି ଦିନର ମା'ଙ୍କ ପୂଜା ଅତ୍ୟନ୍ତ ଫଳପ୍ରଦ ।

### ତୃତୀୟ ଦିନ (ତୃତୀୟା): ମା' ଚନ୍ଦ୍ରଘଣ୍ଟା ପୂଜା

**ସ୍ୱରୂପ:** ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭାପାଉଥିବା ଏବଂ ଦଶଭୁଜା ଦେବୀ ।

**ମହତ୍ତ୍ୱ :** ଭକ୍ତଙ୍କୁ ସମସ୍ତ ଭୟରୁ ମୁକ୍ତି ଦେବା ଏବଂ ଶାନ୍ତି, ସାହସ ଓ କଲ୍ୟାଣ ପ୍ରଦାନ କରିବା ମା'ଙ୍କର ଏହି ରୂପର ବିଶେଷତ୍ୱ ।

### ଚତୁର୍ଥ ଦିନ (ଚତୁର୍ଥୀ): ମା' କୁଷ୍ମାଣ୍ଡା ପୂଜା

**ସ୍ୱରୂପ:** ନିଜର ମନ୍ଦହାସ ଦ୍ୱାରା ବ୍ରହ୍ମାଣ୍ଡ (ସୃଷ୍ଟି) ସୃଷ୍ଟି କରିଥିବା ଦେବୀ ।

**ମହତ୍ତ୍ୱ :** ସୂର୍ଯ୍ୟ ମଣ୍ଡଳକୁ ନିୟନ୍ତ୍ରଣ କରୁଥିବା ଏହି ଦେବୀ ଆୟୁ ଯଶ ଏବଂ ସ୍ୱାସ୍ଥ୍ୟ ପ୍ରଦାନ କରିଥାଆନ୍ତି ।

### ପଞ୍ଚମ ଦିନ (ପଞ୍ଚମୀ) : ମା' ସ୍କନ୍ଦମାତା ପୂଜା

**ସ୍ୱରୂପ :** କାର୍ତ୍ତିକେୟ (ସ୍କନ୍ଦ)ଙ୍କ ଜନନୀ ଏବଂ କୋଳରେ ଶିଶୁକୁ ଧାରଣ କରିଥିବା ଦେବୀ ।

**ମହତ୍ତ୍ୱ :** ସନ୍ତାନ ସୁଖ, ଜ୍ଞାନ ଏବଂ ମୋକ୍ଷ ପ୍ରାପ୍ତି ନିମନ୍ତେ ଏହି ଦିନ ମା' ସ୍କନ୍ଦମାତାଙ୍କୁ ପୂଜା କରାଯାଏ ।

### ଷଷ୍ଠ ଦିନ (ଷଷ୍ଠୀ): ମା' କାତ୍ୟାୟନୀ ପୂଜା

**ସ୍ୱରୂପ:** ମହର୍ଷି କାତ୍ୟାୟନଙ୍କ ଦ୍ୱାରା ତପଃପୂତ ହୋଇ ଅବତୀର୍ଣ୍ଣ ହୋଇଥିବା ଯୋଦ୍ଧା ଦେବୀ (ମା' ଦୁର୍ଗାଙ୍କର ସବୁଠାରୁ ଶକ୍ତିଶାଳୀ ରୂପ) ।

**ମହତ୍ତ୍ୱ :** ଶତ୍ରୁ ବିନାଶ ଏବଂ ସାହସ ପ୍ରାପ୍ତି ପାଇଁ ଏହି ଦିନ ବିଶେଷ ଭାବେ ପୂଜା କରାଯାଏ ।

### ସପ୍ତମ ଦିନ (ସପ୍ତମୀ) : ମା' କାଳରାତ୍ରି ପୂଜା

**ସ୍ୱରୂପ :** ଅତ୍ୟନ୍ତ ଭୟଙ୍କର, ଅନ୍ଧକାରକୁ ବିନାଶ କରୁଥିବା ଏବଂ ଶୁଭକାରିଣୀ ଦେବୀ ।

**ମହତ୍ତ୍ୱ :** ଏହି ଦିନ ରାତିରେ ବିଶେଷ ତାନ୍ତ୍ରିକ ଓ ଆଧ୍ୟାତ୍ମିକ ପୂଜା ହୁଏ । ସମସ୍ତ ପ୍ରକାର ଭୟ, ବାଧାବିଘ୍ନ ଓ ଅକାଳ ମୃତ୍ୟୁର ଭୟ ଦୂର ହୋଇଥାଏ ।

### ଅଷ୍ଟମ ଦିନ (ଅଷ୍ଟମୀ) : ମା' ମହାଗୌରୀ ପୂଜା

**ସ୍ୱରୂପ:** ସମ୍ପୂର୍ଣ୍ଣ ଶ୍ୱେତବର୍ଣ୍ଣା ଏବଂ ଶାନ୍ତ ସ୍ୱରୂପା ଦେବୀ ।

**ମହତ୍ତ୍ୱ :** ମହାଅଷ୍ଟମୀ ଦିନ ମହାସମାରୋହରେ ପୂଜା ଓ କୁଆଁରୀ ପୂଜା କରାଯାଏ । ମା' ମହାଗୌରୀ ସମସ୍ତ ପାପ ଖଣ୍ଡନ କରି ପବିତ୍ରତା ପ୍ରଦାନ କରନ୍ତି ।

### ନବମ ଦିନ (ନବମୀ) : ମା' ସିଦ୍ଧିଦାତ୍ରୀ ପୂଜା

**ସ୍ୱରୂପ:** ସମସ୍ତ ପ୍ରକାର ସିଦ୍ଧି (ଅଣିମା, ମହିମା ଇତ୍ୟାଦି) ପ୍ରଦାନ କରୁଥିବା ଦେବୀ ।

**ମହତ୍ତ୍ୱ :** ନବରାତ୍ରୀର ଶେଷ ଦିନରେ ମା'ଙ୍କୁ ପୂଜା କରି ହୋମଯଜ୍ଞ କରାଯାଏ। ଏହାଦ୍ୱାରା ସାଧକକୁ ସମସ୍ତ ସିଦ୍ଧି ଓ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।

**ଦଶମୀ ଦିନ :** ଦଶମ ଦିନରେ ଅର୍ଥାତ ବିଜୟାଦଶମୀ ଦିନ ମା'ଙ୍କ ପ୍ରତିମା ବିସର୍ଜନ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ ଉତ୍ସବ ପାଳନ କରାଯାଏ ।

## ଅଧର୍ମ ଉପରେ ଧର୍ମର ବିଜୟ

ପୌରାଣିକ କଥାବସ୍ତୁ ଅନୁଯାୟୀ, ଅସୁରରାଜ ମହିଷାସୁରର ଅତ୍ୟାଚାରରେ ତ୍ରିପୁର କମ୍ପି ଉଠିଥିଲା । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅଧର୍ମ ଓ ଅତ୍ୟାଚାରର ସୀମା ପାର ହୋଇଯାଇଥିଲା । ଦେବତାମାନଙ୍କ ପ୍ରାର୍ଥନାରେ ପ୍ରସନ୍ନ ହୋଇ ସମସ୍ତ ଦେବତାଙ୍କ ତେଜରୁ ଆର୍ବିଭୂତ ହୋଇଥିଲେ ମହାଶକ୍ତି ମା' ଦୁର୍ଗା । ନବରାତ୍ରୀର କଠିନ ସଂଗ୍ରାମ ପରେ ମା' ମହିଷାସୁରକୁ ବଧ କରି ସୃଷ୍ଟିକୁ ଶାନ୍ତି ଓ ନ୍ୟାୟ ଫେରାଇ ଆଣିଥିଲେ । ଏଣୁ ଏହି ପୂଜା କେବଳ ଏକ ପର୍ବ ନୁହେଁ, ବରଂ ଅଧର୍ମ, ଅନ୍ୟାୟ ଓ ଅହଂକାର ଉପରେ ଧର୍ମ, ସତ୍ୟ ଓ ଶାନ୍ତିର ବିଜୟର ପ୍ରତୀକ ।

## ମଣ୍ଡପରୁ ପୀଠ: ଉତ୍ସବମୁଖର ଓଡ଼ିଶା

ଓଡ଼ିଶାର ପଲ୍ଲୀଠାରୁ ସହର-ସବୁଠି ଏବେ ମା'ଙ୍କ ଆବାହନର ମହାପର୍ବ । ଶାସ୍ତ୍ରୀୟ ପୀଠଭାବେ ପରିଗଣିତ କଟକର ମା ଚଣ୍ଡୀ ମନ୍ଦିର, ଯାଜପୁରର ମା ବିରଜା ପୀଠ, ପୁରୀର ମା ବିମଳା ମନ୍ଦିର, ବାଙ୍କୀର ମା ଚର୍ଚ୍ଚିକା ପୀଠ, ଜଗତସିଂହପୁରର ମା ସାରଳା ପୀଠ, ସମ୍ବଲପୁରର ମା ସମଲେଶ୍ୱରୀ ମନ୍ଦିର ଓ ଘଣ୍ଟେଶ୍ୱରୀ ମନ୍ଦିର, ବୌଦ୍ଧର ମା ଭୈରବୀ ମନ୍ଦିର, ବଲାଙ୍ଗୀରର ମା ପାଟଣେଶ୍ୱରୀ ପୀଠ, କଳାହାଣ୍ଡୀର ମାଣିକେଶ୍ୱରୀ ପୀଠ, ରାୟଗଡ଼ାର ମଝିଘରିଆଣୀ ମନ୍ଦିରରେ ଶାରଦୀୟ ଷୋଡ଼ଶ ଉପଚାର ପୂଜା ଅତ୍ୟନ୍ତ ନିଷ୍ଠାର ସହ ପାଳିତ ହେଉଛି । ସେହିଭଳି ସହର ଗୁଡ଼ିକରେ ଶୋଭା ପାଇଥାଏ ଚାନ୍ଦି ଓ ସୁନା ମେଢ଼। କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରଗୁଡ଼ିକରେ ଆକର୍ଷଣୀୟ ତୋରଣ, ଚାନ୍ଦି ମେଢ଼ ଓ ସୁନା ଭୂଷଣରେ ମା' ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ରାସ୍ତାଘାଟ ଆଲୋକମାଳାରେ ଝଟକୁଛି ।

## ସଦଭାବ ଓ ଏକତାର ପ୍ରତୀକ

ଦୁର୍ଗାପୂଜା କେବଳ ଆଧ୍ୟାତ୍ମିକ ଅନୁଭୂତିରେ ସୀମିତ ନୁହେଁ, ଏହା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି ବାନ୍ଧିରଖେ । ଦୀର୍ଘଦିନର ବ୍ୟବଧାନ ପରେ ପରିବାର, ବନ୍ଧୁ ଓ ପ୍ରିୟଜନମାନେ ଏକାଠି ହୋଇ ଉତ୍ସବର ଆନନ୍ଦ ନିଅନ୍ତି । ନୂଆ ପୋଷାକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଣ୍ଡପ ବୁଲା ମଧ୍ୟରେ ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ଶିହରଣ ସୃଷ୍ଟି ହୁଏ ।

## ଆଧ୍ୟାତ୍ମିକ ବାର୍ତ୍ତା

ମା' ଜଗତଜନନୀଙ୍କ ଏହି ମର୍ତ୍ତ୍ୟ ଅବତରଣ ଆମ ସମାଜରୁ କାମ, କ୍ରୋଧ, ଲୋଭ, ହିଂସା ଓ ଅସୂୟା ଭଳି ଆସୁରିକ ପ୍ରବୃତ୍ତିକୁ ଦୂର କରି ଶାନ୍ତି, କରୁଣା ଓ ସଦଭାବନର ପ୍ରକାଶ ଘଟାଉ । ମା'ଙ୍କ କୃପାରୁ ସମସ୍ତଙ୍କ ଜୀବନ ଆନନ୍ଦ ଓ ସମୃଦ୍ଧିରେ ଭରିଯାଉ - ଏହାହିଁ ପ୍ରାର୍ଥନା ।






# ଝଲସୁଛି ରାଜଧାନୀ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପ୍ରତିଟି ଗଳିକନ୍ଦି ସଜେଇହୋଇଥାଏ ମାଆ ଦୁର୍ଗାଙ୍କୁ ସ୍ୱାଗତ କରିବାକୁ । ସହରରେ ଦେଖିବାକୁ ମିଳିଥାଏ ସୁଉଚ୍ଚ ତୋରଣ ସହ ମାଆଙ୍କର ଅତି ସୁନ୍ଦର ମୃଣ୍ମୟୀ ପ୍ରତିମୂର୍ତ୍ତି । ପ୍ରତିଟି ପୂଜା ପଣ୍ଡାଲରେ ଭିନ୍ନଭିନ୍ନ ଥିମ ସହିତ ଆୟୋଜିତ ହୋଇଥାଏ ଦୁର୍ଗାପୂଜା । ଏହି ପୂଜା ପେଣ୍ଡାଲରେ ମାଆଙ୍କର ଆରାଧନା ପବିତ୍ର ଷଷ୍ଠି ତିଥିରୁ ଆରମ୍ଭ ହୋଇ ଦଶମୀରେ ପରିସମାପ୍ତି ଘଟିଥାଏ ।

## ବରମୁଣ୍ଡା ଦୁର୍ଗାପୂଜା କମିଟି

### ଦ୍ରୌପଦୀଙ୍କ ଜନ୍ମଭୂମିରେ ପୂଜାପାଇବେ ଦଶଭୂଜା

ଉତ୍ସବ ମୁଖର ହୋଇ ଉଠିଛି ରାଜଧାନୀ । ପ୍ରତିବର୍ଷ ଭଳି ଏଥର ମଧ୍ୟ ନିଜର ନିଆରା ତୋରଣରେ ଚର୍ଚ୍ଚାକୁ ଆସିବ ବରମୁଣ୍ଡା ଦୁର୍ଗାପୂଜା କମିଟି । ଚଳିତବର୍ଷ ମହାଭାରତର ପାଞ୍ଚାଳୀ ଦ୍ରୌପଦୀଙ୍କ ଜନ୍ମଭୂମି କାମ୍ପିଲ୍ୟାର କାହାଣୀକୁ ତୋରଣରେ ଜୀବନ୍ତ କରାଯାଉଛି । ଚଳିତବର୍ଷ ଏହି ତୋରଣକୁ ଉତ୍ତରପ୍ରଦେଶର କାମ୍ପିଲ୍ୟା ପ୍ୟାଲେସ୍ ଢାଞ୍ଚାରେ ନିର୍ମାଣ ହୋଇଛି । ଏହି ତୋରଣ ଉଚ୍ଚତା ୮୦ ଫୁଟ୍ ଥିବାବେଳେ ଚଉଡା ରହିଛି ୧୨୦ ଫୁଟ୍ ଥିବାବେଳେ ମା'ଙ୍କ ମୂର୍ତ୍ତି ଉଚ୍ଚତା ରହିଛି ୧୪ ଫୁଟ୍ । ଦ୍ରୌପଦୀଙ୍କ ଜନ୍ମଠାରୁ ଆରମ୍ଭ କରି ମହାଭାରତର ବିଭିନ୍ନ ଘଟଣା, ବସ୍ତ୍ରହରଣ ଆଦି ଦୃଶ୍ୟ ଏହି ତୋରଣରେ ସ୍ଥାନ ପାଇଛି । ତୋରଣ ନିର୍ମାଣରେ ୩୦ରୁ ଅଧିକ ବଙ୍ଗୀୟ କାରିଗର ନିୟୋଜିତ ହୋଇଛନ୍ତି । ମୂର୍ତ୍ତିରେ ପରିବେଶ ଅନୁକୂଳ ରଙ୍ଗ ବ୍ୟବହାର ହେଉଥିବାବେଳେ ମା'ଙ୍କ ମସ୍ତକରେ ରୁପା ମୁକୁଟ ଓ ସୁନାର ସିନ୍ଥି ଲଗାଯାଇଛି । ପାର୍ଶ୍ୱ ଦେବାଦେବୀଙ୍କ ପାଦରେ ରୁପା ପାଉଜି ପିନ୍ଧାଯାଇଛି । ତୋରଣରେ ରଙ୍ଗବେରଙ୍ଗ ଆଲୋକମାଳା ସହ ସାମାଜିକ ସଚେତନତା ଭିତ୍ତିକ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ ହେଉଛି । ପୂଜାକୁ ପଲିଥିନମୁକ୍ତ ରଖିବା ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ୨୭ ବର୍ଷରେ ପାଦ ଥାପିବାକୁ ଯାଉଥିବା ଏହି ପୂଜା କମିଟି ୧ ଲକ୍ଷ ଟଙ୍କାରୁ ପ୍ରଥମେ ପୂଜାର ଆରମ୍ଭ କରିଥିଲେ । ବର୍ତ୍ତମାନ ସେହି ପୂଜାର ବଜେଟ୍ ୫୦ ଲକ୍ଷ ଟଙ୍କାରେ ପହଞ୍ଚିଛି । ଷଷ୍ଠୀରେ କଳସ ଯାତ୍ରା ଓ ସପ୍ତମୀରେ ପୂଜାବିଧି ଅନୁଷ୍ଠିତ ହେବ । ସପ୍ତମୀରେ ୫ ହଜାର ଲୋକଙ୍କ ପାଇଁ ମାଗଣା ପ୍ରସାଦସେବନ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଦହି ପଖାଳ ଭୋଗର ବ୍ୟବସ୍ଥା ରହିଛି । ଦଶମୀରେ ୬୦ ଫୁଟ୍ ଉଚ୍ଚ ରାବଣ ପୋଡ଼ି ଅନ୍ୟତମ ଆକର୍ଷଣ ହେବ । ପୂଜା ସମୟରେ ମୀନାବଜାର ସହ ୪ ଦିନ ଧରି ଲୋକକଳା, ଭଜନ ଓ ଘୋଡ଼ାନାଚ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଭିଡ଼କୁ ଦୃଷ୍ଟିରେ ରଖି ୨୦ଟି ସିସିଟିଭି କ୍ୟାମେରା, ସ୍ୱେଚ୍ଛାସେବୀ ଓ ଓ୍ୱାକିଟକି ବ୍ୟବସ୍ଥା କରାଯାଇଛି ।




## ନୟାପଲ୍ଲୀ ଦୂର୍ଗାପୂଜା ସମିତି

### ଭାଟିକାନ୍ ସିଟି ତୋରଣରେ ବିରାଜିବେ ମା'

ମା' ଆସିବେ ବୋଲି ମନ୍ଦିରଠୁ ପୀଠ, ଘରଠୁ ମଣ୍ଡପ ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇଉଠିଲେଣି । ସବୁବେଳେ ତୋରଣ ଓ ମା'ଙ୍କ ମୂର୍ତ୍ତିକୁ ନେଇ ଚର୍ଚ୍ଚାରେ ରହୁଥିବା ନୟାପଲ୍ଲୀ ଦୂର୍ଗାପୂଜା ସମିତି ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ ଅନୁଷ୍ଠାନ ୩୯ ବର୍ଷରେ ପଦାର୍ପଣ କରୁଛି । ରାଜଧାନୀବାସୀଙ୍କୁ ସ୍ୱତନ୍ତ୍ର ଓ ନିଆରା ଅନୁଭୂତି ଦେବା ପାଇଁ ଏବର୍ଷ ରୋମର ଭାଟିକାନ୍ ସିଟି ସଦୃଶ ତୋରଣ ପ୍ରସ୍ତୁତ ହୋଇଛି । ତୋରଣ ଆବର୍ଜନାମୁକ୍ତ ତଥା ପରିବେଶ ଅନୁକୂଳ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।




ତୋରଣ ପ୍ରଦୂଷଣ ମୁକ୍ତ ଫୋରମରେ ନିର୍ମିତ ହେବ, ଯେଉଁଥିରେ ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଛି । ତୋରଣର ଉଚ୍ଚତା ୮୦ ଫୁଟ୍ ରହିଥିବା ବେଳେ ଚଉଡ଼ା ୧୨୫ ଫୁଟ୍ ରହିଛି । ଏହି ତୋରଣର ତିଆରି କରିବା ପାଇଁ ୩୦ ଜଣ ବଙ୍ଗୀୟ କାରିଗର ଓ ୧୦ ଜଣ ଓଡିଶା କାରିଗର ଜନ୍ମାଷ୍ଟମୀଠାରୁ କାମରେ ଲାଗିଥିଲେ । ମେଢର ଉଚ୍ଚତା ୨୧ ଫୁଟ ରହିଥିବା ବେଳେ ମା' ଙ୍କ ମୂର୍ତ୍ତିର ଉଚ୍ଚତା ୧୬ ଫୁଟ୍ । ସବୁଠାରୁ ଆକର୍ଷଣ ସୃଷ୍ଟି କରୁଛି ମା' ଓ ପାର୍ଶ୍ୱଦେବାଦେବୀଙ୍କ ଚାନ୍ଦି ମୁକୁଟ ଓ ଅଳଙ୍କାର । ମା' ଙ୍କ ପୀଠରେ ଷୋଳପୂଜା ଏବଂ ନବରାତ୍ର ପୂଜା ଚାଲିଛି । ପ୍ରତ୍ୟେକ ଦିନ ଭକ୍ତମାନଙ୍କ ମନୋରଞ୍ଜନ ନିମନ୍ତେ ସନ୍ଧ୍ୟାରେ ରାମଚରିତ ମାନସ, ଭଜନ ସମାରୋହ, ରାମଲୀଳା ପରିବେଷଣ ହେବ। ଏଥିସହିତ ମେଲୋଡି ଡ୍ୟାନ୍ସ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି । ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହେବା ସହିତ ମୀନାବଜାର ଆୟୋଜନ କରାଯାଇଛି ବୋଲି ସଭାପତି ବିଷ୍ଣୁ ବେହେରା, ପରାମର୍ଶଦାତା ନବ କିଶୋର ବେହେରା ସୂଚନା ପ୍ରଦାନ କରିଛନ୍ତି ।

## ବମିଖାଲ ତୋରଣରେ ଦୁବାଇ

ଶାରଦୀୟ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ ଭୁବନେଶ୍ୱର । ସହରର ଅନ୍ୟତମ ପ୍ରମୁଖ ପୂଜା ମଣ୍ଡପ ବମିଖାଲ ୬୩ ବର୍ଷରେ ପଦାର୍ପଣ କରଛି । ଏଥର ବମିଖାଲ ପୂଜା ମଣ୍ଡପର ମୁଖ୍ୟ ଆକର୍ଷଣ ପାଲଟିଛି ସୁଉଚ୍ଚ ତୋରଣ, ଯାହାକୁ ଦୁବାଇ ସହରର ଅବିକଳ ନକଲ ରୂପେ ନିର୍ମାଣ କରାଯାଇଛି । ଏହି ତୋରଣର ଉଚ୍ଚତା ୮୦ ଫୁଟ ଏବଂ ଓସାର ୧୧୦ ଫୁଟ ରହିଛି । ଏହା ସହିତ ମା'ଙ୍କ ମୂର୍ତ୍ତିର ଉଚ୍ଚତା ୨୦ ଫୁଟ । ମା' ମହାମାୟାଙ୍କ ମଥାରେ ୭ କେଜି ଓଜନର ଚାନ୍ଦି ମୁକୁଟ ସହ ଅନ୍ୟାନ୍ୟ ଚାନ୍ଦି ଅଳଙ୍କାର ଶୋଭା ପାଉଛି ।

ଏଥର ପୂଜାର ମୁଖ୍ୟ ଆକର୍ଷଣ ହେଉଛି ମା'ଙ୍କ ମେଲାଣି ଉତ୍ସବ । ମେଲାଣି ସମୟରେ ପ୍ଲାଇଉଡ୍, ସୋଲ ଓ ଅନ୍ୟାନ୍ୟ ସରଞ୍ଜାମରେ ପ୍ରସ୍ତୁତ ଏକ ଟ୍ରେନ୍ ଆକୃତିର ଅବିକଳ ରେଳଗାଡ଼ି ଜନପଥରେ ଗଡ଼ିବ । ଏହି ଟ୍ରେନରେ ମୟୂରଭଞ୍ଜର ଛଉ ନୃତ୍ୟ ଏବଂ ବ୍ରହ୍ମପୁରର କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ । ଚଳିତ ବର୍ଷ ବମିଖାଲ ପୂଜା କମିଟିର ମୋଟ ବଜେଟ୍ ୬୨ ଲକ୍ଷ ଟଙ୍କା ରଖାଯାଇଛି ବୋଲି କୋଷାଧ୍ୟକ୍ଷ ଆଦିତ୍ୟ କୁମାର ଜେନା କହିଛନ୍ତି । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ପାଇଁ ପୂଜା ମଣ୍ଡପ ଓ ଆଖପାଖ ଅଞ୍ଚଳରେ ୨୦ଟି ସିସିଟିଭି କ୍ୟାମେରା ଲଗାଯାଇଛି । ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୁଲିସ ସହ ୧୫୦ ଜଣ ପୂଜା ସଦସ୍ୟ ଏବଂ ୫୦ ଜଣ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । ପୂଜା ସମିତିର ସଭାପତି ସୃଜନ କୁମାର ଜେନା, ସମ୍ପାଦକ ଶୈଳେନ୍ଦ୍ର କୁମାର ଜେନା ଏବଂ ଉପସଭାପତି ସୁବାସ କୁମାର ପ୍ରଧାନ ସମସ୍ତ ଶ୍ରଦ୍ଧାଳୁଙ୍କୁ ଏହି ପୂଜା ଉତ୍ସବରେ ଶାନ୍ତିପୂର୍ଣ୍ଣ ଭାବେ ଭାଗ ନେବାକୁ ନିବେଦନ କରିଛନ୍ତି ।

## ସହିଦନଗରରେ କୀର୍ତ୍ତିରାଜି ତୋରଣ

ରାଜଧାନୀ ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ଓ ଆକର୍ଷଣୀୟ ଦୁର୍ଗାପୂଜା ମଣ୍ଡପ ଭାବେ ପରିଚିତ ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଚଳିତ ବର୍ଷ ମା'ଙ୍କ ପୂଜା ଅତ୍ୟନ୍ତ ଭବ୍ୟ, ଆକର୍ଷଣୀୟ ଓ ଆଧ୍ୟାତ୍ମିକ ପରିବେଶରେ ଆୟୋଜନ କରାଯାଉଛି। ଚଳିତ ବର୍ଷ ମା'ଙ୍କ ଦିବ୍ୟ ରୂପ, ଚାନ୍ଦି ମେଢ, ସୁନା ମୁକୁଟ ଓ ଓଡ଼ିଶାର କଳା-ସଂସ୍କୃତିକୁ ଆଧାର କରି ନିର୍ମିତ ବିଶାଳ ତୋରଣ ପୂଜାର ମୁଖ୍ୟ ଆକର୍ଷଣ ରହିଛି । ଚଳିତ ବର୍ଷ ସହିଦନଗର ଦୁର୍ଗା ପୂଜା ସମିତିର ଏକ ପ୍ରମୁଖ ଆକର୍ଷଣ ହେଉଛି ଆମର କୀର୍ତ୍ତି, ଆମର ଗୌରବ' ବିଶ୍ୱବସ୍ତୁକୁ ଆଧାର କରି ନର୍ମିତ ବିଶାଳ ତୋରଣ । ପ୍ରାୟ ୮୦ ଫୁଟ ଉଚ୍ଚତା ଓ ୧୨୦ ଫୁଟ ପ୍ରସ୍ଥ ବିଶିଷ୍ଟ ଏହି ଭବ୍ୟ ତୋରଣ ଓଡ଼ିଶାର ସୃଜନଶୀଳତା, ଶିଳ୍ପକଳା ଓ କାରିଗରୀ






ଦକ୍ଷତାର ଏକ ଅନନ୍ୟ ନିଦର୍ଶନ ଅଟେ । ଏହାକୁ ମେକ୍ ଇନ୍ ଓଡ଼ିଶା'ତୋରଣ ଭାବେ ଅଭିହିତ କରାଯାଇଛି, ଯାହା ମାଧ୍ୟମରେ ଶିଳ୍ପୀ ଓ କାରିଗରଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ଓଡ଼ିଶାର ଗୌରବମୟ ଐତିହ୍ୟକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବାର ପ୍ରୟାସ କରାଯାଇଛି ।

ସହିଦନଗର ଦୁର୍ଗା ପୂଜା ମଣ୍ଡପର ଅନ୍ୟତମ ବିଶେଷତ୍ୱ ହେଉଛି ମା'ଙ୍କ ରୂପା ବା ଚାନ୍ଦି ମେଢ, ଯାହାର ଓଜନ ପ୍ରାୟ ୨.୫ କ୍ୱିଣ୍ଟାଲ ରହିଛି । ଏହାସହିତ ମା'ଙ୍କ ସୁନା ମୁକୁଟର ଓଜନ ପ୍ରାୟ ୨ କିଲୋଗ୍ରାମ ଅଟେ । ଚଳିତ ବର୍ଷ ମା'ଙ୍କ ମେଢ ଓ ଅଳଙ୍କାର ଶୋଭାବର୍ଦ୍ଧନ ପାଇଁ ଅତିରିକ୍ତ ୪ କିଲୋଗ୍ରାମ ଚାନ୍ଦି ବ୍ୟବହାର କରାଯାଇଛି । ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଦର୍ଶନ ପାଇଁ ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା କରାଯାଇଥିବାବେଳେ, ଭିନ୍ନକ୍ଷମ ଓ ବୟସ୍କମାନଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବା ଓ ଶୃଙ୍ଖଳିତ ଦର୍ଶନ ପାଇଁ ୧୦୦ ରୁ ଊର୍ଦ୍ଧ୍ୱର୍ ସ୍ୱେଚ୍ଛାସେବକ (ପୁରୁଷ ଓ ମହିଳା), ୫୦ ରୁ ଅଧିକ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି । ପୂରା ମଣ୍ଡପ ଓ ତତପାଶ୍ୱର୍କୁ ସିସି କ୍ୟାମେରା ଦ୍ୱାରା ନଜର ରଖାଯିବା ସହ ପ୍ରଥମ ଥର ପାଇଁ ମଣ୍ଡପଟିକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ (ଏସି) କରାଯାଇଛି ବୋଲି ସମ୍ପାଦକ ହରିଶ ପ୍ରସାଦ ରଥ କହିଛନ୍ତି ।

## ରସୁଲଗଡ଼ରେ ଭାଟିକାନ୍ ସିଟି

ରାଜଧାନୀ ଭୁବନେଶ୍ୱରର ପ୍ରସିଦ୍ଧ ରସୁଲଗଡ଼ ଦୁର୍ଗାପୂଜା ଏହାର ଅନନ୍ୟ ଓ ଭବ୍ୟ କଳାକୃତି ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଚଳିତ ବର୍ଷ ପୂଜା କମିଟି ପକ୍ଷରୁ ଦର୍ଶକଙ୍କୁ ଏକ ବିଶ୍ୱସ୍ତରୀୟ ଅନୁଭୂତି ଦେବା ପାଇଁ ବଡ଼ ପଦକ୍ଷେପ ନିଆଯାଇଛି । ପୂର୍ବ ବର୍ଷଗୁଡ଼ିକରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ମନ୍ଦିର ଏବଂ ଐତିହାସିକ ସ୍ଥାପତ୍ୟର ପ୍ରତିକୃତି ନିର୍ମାଣ କରାଯାଇଥିବାବେଳେ ଚଳିତ ବର୍ଷ ରସୁଲଗଡ଼ରେ ସୁଦୂର ୟୁରୋପର ପ୍ରସିଦ୍ଧ ଭାଟିକାନ୍ ସିଟି ଆକୃତିର ଏକ ବିଶ୍ୱାସଜନକ ତୋରଣ ତଥା ମଣ୍ଡପ ନିର୍ମାଣ କରାଯାଇଛି । ଚଳିତ ବର୍ଷର ଏହି ବିଶାଳ ଆୟୋଜନ ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କାର ବଜେଟ୍ ଧାର୍ଯ୍ୟ କରାଯାଇଛି । ଏହି ତୋରଣଟି ପ୍ରାୟ ୮୦ ଫୁଟ୍ ଉଚ୍ଚ ଏବଂ ୧୪୦ ଫୁଟ୍ ଚଉଡ଼ା ହେବ । ଏଥିରେ ବିଶ୍ୱସ୍ତରୀୟ ଆଧୁନିକ ଷ୍ଟ୍ରକଚର୍କୁ ଦୃଷ୍ଟିରେ ରଖି ପ୍ଲାଏଉଡ୍, କପଡ଼ା, ପେପର ଓ ବାଉଁଶ ଆଦିର ସହାୟତାରେ ଅତ୍ୟନ୍ତ ଚମତ୍କାର କାରୁକାର୍ଯ୍ୟ କରାଯାଇଛି । ବିଶେଷଜ୍ଞ କାରିଗରମାନେ ଦିନରାତି ଏକ କରି ଏହି ଭବ୍ୟ କଳାକୃତିକୁ ରୂପ ଦେଇଛନ୍ତି । ଏହାଛଡ଼ା ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ସମ୍ପୂର୍ଣ୍ଣ ମଣ୍ଡପର ସୌନ୍ଦର୍ଯ୍ୟକରଣ ପଶ୍ଚିମବଙ୍ଗର ନାମକରା କାରିଗରମାନଙ୍କ ଦ୍ୱାରା କରାଯାଇଛି । ପୂଜା ସମୟରେ ଲକ୍ଷାଧିକ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମଣ୍ଡପ ଆଖପାଖ ଅଞ୍ଚଳରେ






ରଙ୍ଗବେରଙ୍ଗର ଆକର୍ଷଣୀୟ ଆଲୋକସଜ୍ଜା ହୋଇଛି। ଯାହା ରାତିର ଅନ୍ଧକାରରେ ୟୁରୋପୀୟ ପରିବେଶର ଭ୍ରମ ସୃଷ୍ଟି କରିବ । ଏହାବାତୀତ ପୂଜା ପରିସରରେ ବିଭିନ୍ନ ପ୍ରକାରର ପ୍ରଦର୍ଶନୀ, ମନୋରଞ୍ଜନ ସାମଗ୍ରୀ ଏବଂ ଖାଦ୍ୟପେୟର ଦୋକାନ ମଧ୍ୟ ବସିଛି । ମା'ଙ୍କ ଦର୍ଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମେଳାର ମଜା ନେବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଲୋକେ ଛୁଟିଆସିବେ ବୋଲି ଆଶା କରାଯାଉଛି । ଏହି ବିଷୟରେ ପୂଜା କମିଟିର ସଭାପତି ପ୍ରକାଶ ରାଉତରାୟ ଏବଂ ସମ୍ପାଦକ ସଞ୍ଜୟ ବଳବନ୍ତରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରସୁଲଗଡ଼ ପୂଜା କମିଟି ପ୍ରତିବର୍ଷ ଦର୍ଶକମାନଙ୍କୁ କିଛି ନୂତନତା ଏବଂ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିଆସୁଛି । ଏଥର ମଧ୍ୟୟୁରୋପୀୟ ଭାଟିକାନ୍ ସିଟିର ପ୍ରତିକୃତି ମାଧ୍ୟମରେ ଲୋକଙ୍କୁ ଏକ ଅଲଗା ପ୍ରକାରର ଆଧ୍ୟାତ୍ମିକ ଓ କଳାତ୍ମକ ଆନନ୍ଦ ମିଳିବ । କମିଟି ସଦସ୍ୟ ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଶାନ୍ତିଶୃଙ୍ଖଳା ଏବଂ ନିରାପତ୍ତା ସହିତ ପୂଜାଟିକୁ ସଫଳ ଭାବରେ ସମ୍ପାଦନ କରାଯିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଷ୍ଟେସନ ବଜାରର ସ୍ୱତନ୍ତ୍ର ଥିମ

ପ୍ରତିବର୍ଷ ନୂଆ ରୂପ ଓ ପରିକଳ୍ପନା ଆଧାରିତ ତୋରଣ ପାଇଁ ଚର୍ଚ୍ଚାରେ ରହୁଥିବା ଏହି ପୂଜା ମଣ୍ଡପରେ ଚଳିତ ବର୍ଷ ଶକ୍ତି ହିଁ ଜୀବନର ଆଧାର ଚିନ୍ତାଧାରାକୁ ନେଇ ଆକର୍ଷଣୀୟ ତୋରଣ ପ୍ରସ୍ତୁତ କରାଯାଇଛି । ଆଧ୍ୟାତ୍ମିକ ଶକ୍ତିରୁ ଆରମ୍ଭ କରି ବର୍ତ୍ତମାନ ଯୁଗର ଶକ୍ତି ପର୍ଯ୍ୟନ୍ତ ଏହାର ବିଷୟବସ୍ତୁ ରହିଛି । ଏଥିରେ ମହାଦେବଙ୍କ ରୁଦ୍ର ରୂପ ସହ ଜୀବନ ସହ ଜଡ଼ିତ ଭିନ୍ନ ଭିନ୍ନ ଶକ୍ତିର ସଞ୍ଚାରକୁ ନେଇ ଦୃଶ୍ୟପଟ୍ଟ ଦେଖିବାକୁ ମିଳୁଛି । ୧୫୦ ଫୁଟ ଲମ୍ବ ଓ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ତୋରଣ ନିପୁଣ କାରିଗରୀ କାର୍ଯ୍ୟରେ ପରିପୂର୍ଣ୍ଣ ହୋଇଛି । ଚଳିତ ବର୍ଷ ପୂଜା ପାଇଁ ପ୍ରାୟ ୧ କୋଟି ଟଙ୍କାର ବଜେଟ୍ ଧାର୍ଯ୍ୟ କରାଯାଇଛି । ମଣ୍ଡପର ଭିତର ପାର୍ଶ୍ୱରେ ଜୀବନ ଏକ ନାଟକ ବିଷୟବସ୍ତୁରେ କଳାକାରମାନଙ୍କ ଜୀବନଶୈଳୀକୁ ଭିନ୍ନ ଢଙ୍ଗରେ ଚିତ୍ରଣ କରାଯାଇଛି । ଶ୍ରଦ୍ଧାଳୁମାନେ ଆକର୍ଷଣୀୟ କଳାକୃତି ସହ କଳାକାରମାନଙ୍କ ଜୀବନ୍ତ ନାଟକର ସିଧା ପ୍ରସାରଣ ଦେଖିବାର ସୁଯୋଗ ପାଇବେ । କଳା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ବେହେରା ଓ ତାଙ୍କ ସହଯୋଗୀମାନେ ଦୀର୍ଘ ୨ ମାସ ଧରି ଏହାର ନିର୍ମାଣ କାର୍ଯ୍ୟ କରୁଛନ୍ତି । ସଜଡ଼ା ହୋଇଥିବା ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଗାନ୍ଧୀମଣ୍ଡପ ଓ ସୁନା ଅଳଙ୍କାର ଏହାର ଅନ୍ୟତମ ମୁଖ୍ୟ ଆକର୍ଷଣ ।

## ସ୍ୱିଗିରେ ମିଳିବ ମା'ଙ୍କ ପ୍ରସାଦ

ସପ୍ତମୀରୁ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀଙ୍କ ନିକଟରେ ଅନ୍ନ ଭୋଗ ଏବଂ ଦଶମୀରେ ଦହିପଖାଳ ଭୋଗ ଲାଗି ହେବ । ଚଳିତ ବର୍ଷ କମିଟି ପକ୍ଷରୁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ସ୍ୱିଗି ସହ ଭାଗୀଦାରି କରାଯାଇଛି। ଭକ୍ତମାନେ ଅନଲାଇନରେ ମା'ଙ୍କ ଶୁଖିଲା ଭୋଗ ଅର୍ଡର କରିପାରିବେ। ଏହାଦ୍ୱାରା ଆସିବାରେ ଅସମର୍ଥ ଶ୍ରଦ୍ଧାଳୁମାନେ ମଧ୍ୟ ମା'ଙ୍କ ପ୍ରସାଦ ପାଇପାରିବେ। ଅନ୍ୟପଟେ ମଣ୍ଡପ ପରିସରରେ ଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ୪୦ଟି ସିସିଟିଭି କ୍ୟାମେରା ଲଗାଯାଇଛି । ଯାହାକୁ କମିଶନରେଟ୍ ପୋଲିସର କ୍ୟାମେରା ସହ ସଂଯୋଗ କରାଯାଇଛି । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୨୦୦ ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି । ମହିଳା, ଶିଶୁ, ବୃଦ୍ଧବୃଦ୍ଧା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ହ୍ୱିଲଚେୟାର, ଶିଶୁମାନଙ୍କ ବ୍ୟବସ୍ଥା କରାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପାରମ୍ପରିକ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାପତି ଗଣେଶ ପ୍ରସାଦ ସାହୁ, ସମ୍ପାଦକ ଦୀପକ କୁମାର ଜେନା, ଉପସଭାପତି ଅମରେଶ ଜେନା ପ୍ରକାଶ କରିଛନ୍ତି।

**ଶ୍ରୀରାମ ମହାନ୍ତି, (ସମୟ ପ୍ରତିନିଧି)**

**ଫଟୋ: ଅତୁଲ୍ୟ ମହାନ୍ତି**




ଚାନ୍ଦିନୀଚୌକ


ଚୌଧୁରୀ ବଜାର

# ଚାନ୍ଦିରେ ଚମକିବ ରୌପ୍ୟନଗରୀ

କଟକର ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ଓଡ଼ିଆ ଅସ୍ମିତା, କଳା, ସଂସ୍କୃତି, ଐତିହ୍ୟ ଓ ସାମାଜିକ ଏକତାର ଏକ ଜୀବନ୍ତ ମହୋତ୍ସବ। ଚାନ୍ଦିମେଢ଼ର ଚମକ, ସୁନା ଅଳଙ୍କାରର ଆଭା, ଆକର୍ଷଣୀୟ ତୋରଣ ଓ ରଙ୍ଗିନ ଆଲୋକସଜ୍ଜା ଏହି ଉତ୍ସବକୁ ଅନନ୍ୟ କରିଥାଏ। କିନ୍ତୁ ଏସବୁ ଆକର୍ଷଣର ଅନ୍ତରାଳରେ ରହିଛି ମା'ଙ୍କ ପ୍ରତି ଅଗାଢ଼ ଭକ୍ତି, ପିଢ଼ି ପରେ ପିଢ଼ି ଧରି ବଞ୍ଚି ରହିଥିବା ପରମ୍ପରା, ଶିଳ୍ପୀଙ୍କ ନିଖୁଣ କାରିଗରୀ ଏବଂ ସାହିବାସୀଙ୍କ ସାମୂହିକ ଉଦ୍ୟମ। ମହାନଦୀ ଓ କାଠଯୋଡ଼ିର କୋଳରେ ଗଢ଼ିଉଠିଥିବା ଐତିହାସିକ କଟକର ପରିଚୟ ଯେପରି ତାର ବାଉନ ବଜାର ତେପନ ଗଳିରେ ରହିଛି, ସେହିପରି ଏହାର ସାଂସ୍କୃତିକ ଆତ୍ମା ରହିଛି ଦୁର୍ଗାପୂଜାରେ। ଏଠାରେ ମା'ଙ୍କ ଆଗମନରେ କେବଳ ମଣ୍ଡପ ନୁହେଁ, ପ୍ରତ୍ୟେକ ସାହି, ଗଳି ଓ ଛକ ଉତ୍ସବମୁଖର ହୋଇଉଠେ। ମେଢ଼ରେ ରୂପା ଝଲସେ, ମା'ଙ୍କ ମସ୍ତକରେ ସୁନା ମୁକୁଟ ଶୋଭାପାଏ, ଆଲୋକରେ ନଗରୀ ଝଲମଲ କରେ। ତା' ସହିତ ମଣିଷ ମନରେ ଜାଗିଉଠେ ଶ୍ରଦ୍ଧା, ସ୍ନେହ, ସହଯୋଗ ଓ ଭାଇଚାରାର ଅନନ୍ୟ ଭାବନା।

କଟକର ଦୁର୍ଗାପୂଜାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଐତିହ୍ୟ ଓ ଆଧୁନିକତାର ଅପୂର୍ବ ସମନ୍ୱୟ। ପୁରୁଣା ପରମ୍ପରାକୁ ହୃଦୟରେ ଧରି ନୂଆ ପିଢ଼ି ଆଗକୁ ବଢୁଛି। ଏଠାରେ ଚାନ୍ଦିମେଢ଼ କେବଳ ଏକ ଅଳଙ୍କାର ନୁହେଁ, ଏହା ସାହିବାସୀଙ୍କ ସ୍ୱପ୍ନ, ଆତ୍ମସମ୍ମାନ ଓ ସାମୂହିକ ପରିଚୟର ପ୍ରତୀକ। ଚୌଧୁରୀବଜାରରୁ ଆରମ୍ଭ ହୋଇଥିବା ଚାନ୍ଦିମେଢ଼ର ଯାତ୍ରା ଆଜି ଏକ ସ୍ୱତନ୍ତ୍ର ପରମ୍ପରାରେ ପରିଣତ ହୋଇଛି। ଏହି ପରମ୍ପରାରେ ଯୋଡ଼ି ହୋଇଛି ଶେଖବଜାର, ଚାଉଳିଆଗଞ୍ଜ, ରାଣୀହାଟ, ଚାନ୍ଦିନୀଚୌକ ସମେତ ସହରର ଅନେକ ପୂଜାମଣ୍ଡପ।


ବାଲୁବଜାର

ଦଶଭୂଜାଙ୍କ ଆଗମନ ସହ କଟକରେ ଆରମ୍ଭ ହୋଇଯାଇଛି ଶାରଦୀୟଉତ୍ସବର ମହାଆୟୋଜନ। ସହରର ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟ ପ୍ରତିମା ସହ ଚାନ୍ଦିମେଢ଼ ଓ ସୁନା ଅଳଙ୍କାରର ଆକର୍ଷଣ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିବ। ଚଳିତବର୍ଷ ଚାନ୍ଦିମେଢ଼ ତାଲିକାରେ ନୂଆ ମଣ୍ଡପ ଯୋଡ଼ି ହେବା ସହ ରୌପ୍ୟନଗରୀର ଆକର୍ଷଣ ଆହୁରି ବୃଦ୍ଧି ପାଇଛି। ପ୍ରଶାସନିକ ସୂଚନା ଅନୁସାରେ, ସହରର ୨୮ଟି ଚାନ୍ଦିମେଢ଼ରେ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରୂପା ବ୍ୟବହୃତ ହୋଇଛି। ଏହାସହ ୯ଟି ପୂଜାମଣ୍ଡପରେ ପ୍ରାୟ ୯୭ କିଲୋରୁ ଅଧିକ ସୁନା ଅଳଙ୍କାର ରହିଛି। ଚାନ୍ଦିମେଢ଼ର କାରୁକାର୍ଯ୍ୟ, ସୁନା ମୁକୁଟ, କଳିକା ଓ ବିଭିନ୍ନ ଅଳଙ୍କାର ମା'ଙ୍କ ମଣ୍ଡପକୁ ଏକ ସ୍ୱତନ୍ତ୍ର ରୂପ ଦେଇଥାଏ।

ଏହି ବର୍ଷ  କଲେଜଛକ ପୂଜା କମିଟି ପକ୍ଷରୁ ନୂଆ ଚାନ୍ଦିମେଢ଼ ନିର୍ମାଣ କରାଯାଇଛି। ପ୍ରାୟ ୩ କୁଇଣ୍ଟାଲ ରୂପାରେ ଏହି ମେଢ଼ ନିର୍ମିତ ହୋଇଥିବା ବେଳେ ଏକ କିଲୋଗ୍ରାମ ସୁନାରେ ଅଳଙ୍କାର ପ୍ରସ୍ତୁତ ହୋଇଛି। ଅନ୍ୟପକ୍ଷରେ, ମୂଲ୍ୟବାନ ଚାନ୍ଦିମେଢ଼ଗୁଡ଼ିକର ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ମେଢ଼ଗୁଡ଼ିକର ସୁରକ୍ଷାରେ ସଶସ୍ତ୍ର ପୁଲିସ ମୁତୟନ କରିବାକୁ ଯୋଜନା ରହିଛି। କଟକ ମହାନଗରରେ ପ୍ରାୟ ୧୭୦ଟି ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇଥାନ୍ତି। ପ୍ରତ୍ୟେକ ମଣ୍ଡପର ରହିଛି ନିଜସ୍ୱ ଇତିହାସ, ପୂଜାବିଧି ଓ ସ୍ୱତନ୍ତ୍ରତା। କେଉଁଠି ରାଜକୀୟ ପରମ୍ପରା, କେଉଁଠି ବଙ୍ଗୀୟ ପୂଜାବିଧି, ତ ଆଉ କେଉଁଠି ସ୍ଥାନୀୟ ସଂସ୍କୃତି ଓ ଲୋକାଚାରର ସମନ୍ୱୟ ଦେଖିବାକୁ ମିଳେ।

# ଚୌଧୁରୀବଜାର

## ଚାନ୍ଦିମେଢ଼ ପରମ୍ପରାର ଐତିହାସିକ ଆରମ୍ଭ

କଟକର ଦୁର୍ଗାପୂଜା ଇତିହାସରେ ଚୌଧୁରୀବଜାରର ସ୍ଥାନ ସ୍ୱତନ୍ତ୍ର। ସହରରେ ଚାନ୍ଦିମେଢ଼ ପରମ୍ପରାର ଆରମ୍ଭ ଏହି ପୂଜାମଣ୍ଡପରୁ ହୋଇଥିବାରୁ ଏହାକୁ କଟକର ରୌପ୍ୟ ଐତିହ୍ୟର ଅନ୍ୟତମ ଆଧାର ଭାବେ ଗଣାଯାଏ। ୧୯୫୬ ମସିହାରେ ଚୌଧୁରୀବଜାରରେ ପ୍ରଥମ ଚାନ୍ଦିମେଢ଼ ନିର୍ମାଣ ହୋଇଥିଲା। ସେହି ସମୟରେ ଏହା କେବଳ ଏକ ନୂଆ ଶିଳ୍ପକଳାର ପ୍ରୟୋଗ ନଥିଲା; ଏହା ଥିଲା ସାହିବାସୀଙ୍କ ଭକ୍ତି, ଏକତା ଓ ସାଂସ୍କୃତିକ ଆକାଂକ୍ଷାର ଏକ ଦୃଶ୍ୟମାନ ପ୍ରତୀକ। ଚୌଧୁରୀବଜାରର ଚାନ୍ଦିମେଢ଼ ଏକ ନୂଆ ପରମ୍ପରାର ବାଟ ଖୋଲିଥିଲା। ଏହା ପରେ ସହରର ଅନ୍ୟ ପୂଜା କମିଟିଗୁଡ଼ିକ ମଧ୍ୟ ନିଜ ମଣ୍ଡପକୁ ଚାନ୍ଦିରେ ସଜାଇବା ଦିଗରେ ଆଗେଇ ଆସିଥିଲେ। ୧୯୯୧ ମସିହାରେ ଶେଖବଜାର ପୂଜା କମିଟି ଦ୍ୱିତୀୟ ଚାନ୍ଦିମେଢ଼ ନିର୍ମାଣ କରି ଏହି ପରମ୍ପରାକୁ ଆହୁରି ସମୃଦ୍ଧ କରିଥିଲା। ଧୀରେ ଧୀରେ ରୂପାର କାରୁକାର୍ଯ୍ୟ କଟକ ଦୁର୍ଗାପୂଜାର ଏକ ପରିଚୟରେ ପରିଣତ ହୋଇଥିଲା। ଚୌଧୁରୀବଜାରର ଐତିହ୍ୟ କେବଳ ଚାନ୍ଦିମେଢ଼ରେ ସୀମିତ ନୁହେଁ। ଏଠାକାର ପୂଜା ପରମ୍ପରାରେ ରହିଛି ପୁରୁଣା କଟକର ସାମାଜିକ ଜୀବନ, ସାହି ସଂସ୍କୃତି ଓ ଗୋଷ୍ଠୀଗତ ସମ୍ପର୍କର ଛବି। ପୂଜା ଆସିଲେ ସାହିର ଯୁବକଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଦାୟିତ୍ୱ ନେଇ କାର୍ଯ୍ୟରେ ଲାଗିପଡ଼ନ୍ତି। ମଣ୍ଡପ ସଜାଇବା, ପୂଜାର ଆୟୋଜନ, ଭୋଗ ବଣ୍ଟନ ଓ ଭସାଣି ଶୋଭାଯାତ୍ରାରେ ସମସ୍ତଙ୍କ ସହଯୋଗ ଏହି ପରମ୍ପରାକୁ ଜୀବନ୍ତ ରଖିଛି। ଚାନ୍ଦିମେଢ଼ର କାରୁକାର୍ଯ୍ୟ ମଧ୍ୟ ଏହି ଐତିହ୍ୟର ଏକ ମୂଲ୍ୟବାନ ଅଂଶ। ରୂପାର ପତ୍ରରେ ସୂକ୍ଷ୍ମ ନକ୍ସା, ଫୁଲ, ଲତା ଓ ପାରମ୍ପରିକ ଆକୃତିର ନିଖୁଣ ରୂପାୟନ ପାଇଁ ଶିଳ୍ପୀଙ୍କ ଅସୀମ ଧୈର୍ଯ୍ୟ ଓ ଦକ୍ଷତା ଆବଶ୍ୟକ ହୋଇଥାଏ। ଏହି କାରୁକାର୍ଯ୍ୟରେ ରହିଛି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରଭାବ। ଏହା ଦର୍ଶାଏ ଯେ, କଟକର ଦୁର୍ଗାପୂଜା କେବଳ ଭକ୍ତିର ପର୍ବ ନୁହେଁ, ଶିଳ୍ପୀଙ୍କ ପ୍ରତିଭାକୁ ସମ୍ମାନ ଦେବାର ଏକ ଅବସର ମଧ୍ୟ।

ଚୌଧୁରୀବଜାରର ଚାନ୍ଦିମେଢ଼ ଆଜି କଟକର ଅନ୍ୟ ମଣ୍ଡପଗୁଡ଼ିକ ପାଇଁ ଏକ ପ୍ରେରଣାର ଉତ୍ସ। ଏହାର ଇତିହାସ ମନେ ପକାଇଦିଏ ଯେ, ଏକ ସାମୂହିକ ସଂକଳ୍ପ କିପରି ସମୟକ୍ରମେ ସହରର ସାଂସ୍କୃତିକ ପରିଚୟ ହୋଇପାରେ। ଆଜି କଟକର ଚାନ୍ଦିମେଢ଼ ଦେଶବିଦେଶର ଲୋକଙ୍କୁ ଆକର୍ଷିତ କରୁଥିବା ବେଳେ ଏହାର ମୂଳରେ ରହିଛି ଚୌଧୁରୀବଜାରର ସେହି ଐତିହାସିକ ପଦକ୍ଷେପ।

ସୁନା ଅଳଙ୍କାରରେ ମା’ଙ୍କ ଦିବ୍ୟ ରୂପ। ଦୁର୍ଗାପୂଜାର ଅନ୍ୟତମ ଆକର୍ଷଣ ହେଉଛି ମା’ଙ୍କ ପ୍ରତିମାରେ ସୁନା ଅଳଙ୍କାରର ବ୍ୟବହାର। ଚାନ୍ଦିମେଢ଼ ସହ ସୁନା ମୁକୁଟ, କଲିକା, ଚିକ, ସିନ୍ଥି ଓ କାନଫୁଲ ମା’ଙ୍କ ରୂପକୁ ଅଧିକ ଦିବ୍ୟ ଓ ଆକର୍ଷଣୀୟ କରିଥାଏ। ଚୌଧୁରୀବଜାରର ମେଢ଼ରେ ସୁନାର କଲିକା ଲାଗିଛି। ପ୍ରତ୍ୟେକ କଲିକାର ଓଜନ ଏକ କିଲୋଗ୍ରାମରୁ ଅଧିକ ବୋଲି ସୂଚନା ମିଳିଛି। ଶେଖବଜାରର ମେଢ଼ରେ ମଧ୍ୟ ପାଞ୍ଚ କିଲୋଗ୍ରାମରୁ ଅଧିକ ସୁନାର କାରୁକାର୍ଯ୍ୟ ରହିଛି। କାଠଗଡ଼ାସାହି, ମଙ୍ଗଳାବାଗ, ଚାଉଳିଆଗଞ୍ଜ, ରାଣୀହାଟ, ଖାନନଗର, ହରିପୁର-ଦୋଳମୁଣ୍ଡାଇ ଓ କଲେଜଛକ ଭଳି ମଣ୍ଡପରେ ମଧ୍ୟ ସୁନାର ମୁକୁଟ ଓ ଅଳଙ୍କାର ବ୍ୟବହୃତ ହୋଇଛି। ଏହି ସୁନା ଓ ଚାନ୍ଦିର ଅଳଙ୍କାର କେବଳ ଆର୍ଥିକ ମୂଲ୍ୟରେ ମାପିବାର ବସ୍ତୁ ନୁହେଁ। ଏହା ପଛରେ ରହିଛି ଭକ୍ତଙ୍କ ଆସ୍ଥା, ସାହିବାସୀଙ୍କ ଅବଦାନ ଓ ମା’ଙ୍କ ପ୍ରତି ସମର୍ପଣର ଭାବନା। ପ୍ରତିବର୍ଷ ଏହି ଅଳଙ୍କାରର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ।

# ଶେଖବଜାର

## ଚାନ୍ଦିମେଢ଼ରେ ପରମ୍ପରା, ପୂଜାରେ ସ୍ୱତନ୍ତ୍ରତା

କଟକର ଦୁର୍ଗାପୂଜା ଇତିହାସରେ ଶେଖବଜାରର ସ୍ଥାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଠାରେ ୧୮୭୫ ମସିହାରେ ହର-ପାର୍ବତୀଙ୍କ ପୂଜା ଆରମ୍ଭ ହୋଇଥିଲା। ପରେ ୧୯୦୨ ମସିହାରେ ସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ମା’ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିଲା। ସାହିର ମୁରବୀ, ସ୍ଥାନୀୟ ଜନସାଧାରଣ ଓ ସୁର୍ ପରିବାରର ମିଳିତ ଉଦ୍ୟମରେ ଏହି ପରମ୍ପରା ଆଗକୁ ବଢ଼ିଥିଲା। ବୈଷ୍ଣବ ରୀତିନୀତି ସହ ବଙ୍ଗୀୟ ପରମ୍ପରାର ସମନ୍ୱୟ ଏଠାକାର ପୂଜାକୁ ସ୍ୱତନ୍ତ୍ର କରିଛି। ପ୍ରଥମେ ଗୋଲ୍ଡେନ୍ ଜରିରେ ମେଢ଼ ସଜାଯାଉଥିବା ବେଳେ ୧୯୯୧ ମସିହାରେ ଚାନ୍ଦିମେଢ଼ ନିର୍ମାଣ ଏହାର ଆକର୍ଷଣକୁ ନୂଆ ଦିଗ ଦେଇଥିଲା। ଏଠାକାର ମା’ଙ୍କ ପ୍ରତିମା ପ୍ରାୟ ୭ ଫୁଟ ଉଚ୍ଚ ହୋଇଥିବା ବେଳେ ମେଢ଼ର ଉଚ୍ଚତା ୧୮ ଫୁଟ। ମେଢ଼ରେ ସୁନାର ମୟୂର ଚନ୍ଦ୍ରିକା ଶୋଭା ପାଉଛି। ୨୦୦୫ ମସିହାରେ ମା’ଙ୍କ ପାଇଁ ସୁନାର ମୁକୁଟ ନିର୍ମାଣ କରାଯାଇଥିଲା। ପୂଜା ସମୟରେ ନୀତିଭୋଗ, ନବମୀରେ ପ୍ରସାଦ ବଣ୍ଟନ ଓ ଦଶମୀରେ ଦହିପଖାଳ ଭୋଗ ଏଠାକାର ପରମ୍ପରାକୁ ଆହୁରି ଆକର୍ଷଣୀୟ କରିଥାଏ। ଦଶମୀରେ ମହିଳାମାନଙ୍କ ସିନ୍ଦୂର ଖେଳ, ପାରମ୍ପରିକ ବାଦ୍ୟରେ ଭସାଣି ଓ ଆଲୋକସଜ୍ଜା ଏଠାକାର ପୂଜାର ବିଶେଷ ଆକର୍ଷଣ। ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଦେବା ଏହି କମିଟିର ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରେ।

# ଚାନ୍ଦିନୀଚୌକ

## ପାଞ୍ଚଶହ ବର୍ଷର ଐତିହ୍ୟ

କଟକର ପୁରାତନ ପୂଜାମଣ୍ଡପଗୁଡ଼ିକ ମଧ୍ୟରେ ଚାନ୍ଦିନୀଚୌକର












ଦୁର୍ଗାପୂଜା ଏକ ସ୍ୱତନ୍ତ୍ର ପରିଚୟ ବହନ କରେ। ପ୍ରାୟ ପାଞ୍ଚଶହ ବର୍ଷର ପରମ୍ପରା ସହ ଏହି ପୂଜା ଯୋଡ଼ି ହୋଇଥିବା କୁହାଯାଏ। ଏଠାକାର ପୂଜାବିଧି, ଐତିହ୍ୟ ଓ ଲୋକକଥା କଟକର ସାଂସ୍କୃତିକ ଇତିହାସକୁ ସମୃଦ୍ଧ କରିଛି। କିମ୍ବଦନ୍ତୀ ଅନୁସାରେ, ପୂର୍ବରୁ କଟକରେ ହାତଗଣତି କେତୋଟି ମଣ୍ଡପରେ ମା' ଦୁର୍ଗା ପୂଜା ପାଉଥିଲେ। ଚାନ୍ଦିନୀଚୌକର ମା'ଙ୍କୁ ସାନ ଭଉଣୀ ଭାବେ ମାନ୍ୟତା ଦିଆଯାଉଥିବା ଲୋକକଥା ରହିଛି। ଏହି ଅଞ୍ଚଳରେ ପ୍ରଥମେ ବଙ୍ଗୀୟ ପରିବାରମାନେ ନିଜ ଘର ବାରଣ୍ଡାରେ ମା'ଙ୍କ ପୂଜା କରୁଥିଲେ। ପରବର୍ତ୍ତୀ ସମୟରେ ଦର୍ପଣୀ ରାଜପରିବାର ପୂଜା ପରିଚାଳନାର ଦାୟିତ୍ୱ ନେଇଥିଲେ। ଏହି କାରଣରୁ ଚାନ୍ଦିନୀଚୌକର ମେଢ଼କୁ ରାଜାଘର ମେଢ଼ ବୋଲି ମଧ୍ୟ କୁହାଯାଏ। ରାଜତନ୍ତ୍ରର ଅବସାନ ପରେ ଅଞ୍ଚଳବାସୀ ପୂଜାର ଦାୟିତ୍ୱ ନିଜ ହାତକୁ ନେଇଥିଲେ। ଏହା ଦର୍ଶାଏ ଯେ, ସମୟ ବଦଳିଲେ ମଧ୍ୟ ମା'ଙ୍କ ପ୍ରତି ଭକ୍ତି ଓ ପରମ୍ପରା ପ୍ରତି ଆନୁଗତ୍ୟ କିପରି ଅକ୍ଷୁଣ୍ଣ ରହିପାରେ। ୨୦୦୩ ମସିହାରେ ଏଠାରେ ପ୍ରାୟ ସାଢ଼େ ଚାରି କୁଇଣ୍ଟାଲ ଓଜନର ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ମା'ଙ୍କ ସହ ପାର୍ଶ୍ୱ ଦେବାଦେବୀଙ୍କ ପାଇଁ ମଧ୍ୟ ଚାନ୍ଦି ଅଲଙ୍କାର ତିଆରି କରାଯାଇଛି। ଏଠାରେ ସୁନାର ମୁକୁଟ, ଟିକ, ସିନ୍ଥି ଓ କାନଫୁଲ ମା'ଙ୍କ ଶୋଭା ବୃଦ୍ଧି କରିଥାଏ। ଚାନ୍ଦିନୀଚୌକର ପୂଜାର ଆଉ ଏକ ଆକର୍ଷଣ ହେଉଛି ଭୋଗ ପରମ୍ପରା। ଅଷ୍ଟମୀରେ ଲଡୁ ଭୋଗ ଓ ନବମୀରେ ମାଛଭୋଗ ଏଠାକାର ନିଆରା ପରମ୍ପରା ଭାବେ ପରିଚିତ। ଭୋଗ ପ୍ରସ୍ତୁତି ଓ ବଣ୍ଟନରେ ସାହିବାସୀଙ୍କ ସହଯୋଗ ଏହି ପୂଜାକୁ ଗୋଷ୍ଠୀଗତ ଉତ୍ସବର ରୂପ ଦେଇଥାଏ।

ଆଲୋକସଜ୍ଜା, ଲାଇଟ୍ ଗେଟ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ବାଦ୍ୟରେ ଭସାଣି ଏଠାକାର ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥାଏ।




## ଚାଉଳିଆଗଞ୍ଜ

### ସୁନା ଅଳଙ୍କାର ସହ ଆଲୋକର ମହୋତ୍ସବ

କଟକ ସହରର ପୂର୍ବାଞ୍ଚଳରେ ଅବସ୍ଥିତ ଚାଉଳିଆଗଞ୍ଜ ପୂଜାମଣ୍ଡପ ଚାନ୍ଦିମେଢ଼ ଓ ଆଲୋକସଜ୍ଜା ପାଇଁ ବେଶ୍ ପରିଚିତ। ୧୯୯୯ ମସିହାରୁ ଏଠାରେ ଚାନ୍ଦିମେଢ଼ରେ ମା' ପୂଜା ପାଇଆସୁଛନ୍ତି। ପ୍ରତିବର୍ଷ ନୂଆ ଆକର୍ଷଣ ଯୋଡ଼ିବା ଏହି ପୂଜା କମିଟିର ବିଶେଷତ୍ୱ। ଚଳିତବର୍ଷ ମା'ଙ୍କ ସହ ପାର୍ଶ୍ୱ ଦେବାଦେବୀ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକେୟଙ୍କ ପାଇଁ ସୁନା ହାର ପ୍ରସ୍ତୁତ କରାଯାଇଛି। ଏହା ସହ ମା'ଙ୍କ ସୁନା ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ମେଢ଼ର ଶୋଭା ବୃଦ୍ଧି କରିବ। ଚାଉଳିଆଗଞ୍ଜର ପୂଜା କେବଳ ମେଢ଼ରେ ସୀମିତ ନୁହେଁ। ଓଏମ୍‌ପି ଛକରୁ ନୂଆବଜାର ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ଦୁଇ କିଲୋମିଟର ରାସ୍ତାରେ ଆଲୋକସଜ୍ଜା ଓ ଆକର୍ଷଣୀୟ ତୋରଣ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ। ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ଆକୃତିର ଗେଟ୍ ଓ ରଙ୍ଗିନ ଆଲୋକରେ ଅଞ୍ଚଳଟି ଝଲସିଉଠେ। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷାରେ କମିଟିର ସଦସ୍ୟମାନେ ପୁଲିସକୁ

ସହଯୋଗ କରିଥାନ୍ତି। ଏହି ସାମୂହିକ ସହଯୋଗ ହିଁ କଟକ ଦୁର୍ଗାପୂଜାର ସାମାଜିକ ଚରିତ୍ରକୁ ସ୍ପଷ୍ଟ କରେ।

## ଖାନନଗର - ଖପୁରିଆ

ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ୧୯୪୭ ମସିହାରୁ ଶାରଦୀୟ ପୂଜା ପାଳନ କରାଯାଉଛି। ପ୍ରଥମେ ଏଠାରେ ହର-ପାର୍ବତୀଙ୍କ ପୂଜା ହେଉଥିବା ବେଳେ ୧୯୭୨ ମସିହାରୁ ମା' ଦୁର୍ଗାଙ୍କ ପ୍ରତିମା ପୂଜା ପାଇଆସୁଛନ୍ତି। ୨୦୧୧ ମସିହାରେ ଏଠାରେ ଚାନ୍ଦିମେଢ଼ ନିର୍ମାଣ ହୋଇଥିଲା ଏବଂ ୨୦୧୮ରେ ମା'ଙ୍କ ପାଇଁ ସୁନା ମୁକୁଟ ପ୍ରସ୍ତୁତ କରାଯାଇଥିଲା। ଚଳିତବର୍ଷ ମଣ୍ଡପ ସମ୍ମୁଖରେ ବାରାଣସୀର ପ୍ରସିଦ୍ଧ 'ସ୍ୱର୍ଗଦେବ ଧାମ ମନ୍ଦିର'ର ଢାଞ୍ଚାରେ ଚଳିତ ବର୍ଷ ତୋରଣ ନିର୍ମାଣ କରାଯାଇଛି। ଏହା ପୂଜାର ମୁଖ୍ୟ ଆକର୍ଷଣ ହେବାକୁ ଯାଉଛି। ଚାରି ରାତି ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତ ପରିବେଷଣର ବ୍ୟବସ୍ଥା ରହିଛି। ଭସାଣି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର ପାରମ୍ପରିକ ବାଦ୍ୟ, ଢୋଲ, ବାଜନୃତ୍ୟ ଓ ସିଂହବାଜି ପରିବେଷଣ ହେବ। ଏପରି କାର୍ଯ୍ୟକ୍ରମ କଟକ ଦୁର୍ଗାପୂଜାକୁ ଓଡ଼ିଶାର ବିଭିନ୍ନ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଏକ ମିଳନସ୍ଥଳୀରେ ପରିଣତ କରିଥାଏ।

## ଚାନ୍ଦିମେଢ଼ ନଗରୀରେ ଐତିହ୍ୟର ବିସ୍ତାର

ଚୌଧୁରୀବଜାର ଓ ଶେଖବଜାରରୁ ଆରମ୍ଭ ହୋଇଥିବା ଚାନ୍ଦିମେଢ଼ ପରମ୍ପରା କାଳକ୍ରମେ ସହରର ବିଭିନ୍ନ ସାହିକୁ ବ୍ୟାପିଛି। ଶିଖରପୁର-ଗଣ୍ଡରପୁର, ବାଖରାବାଦ, ଛତ୍ରବଜାର, ରାଣୀହାଟ, ଖାନନଗର-ଖପୁରିଆ, କାଜୀବଜାର, ଫିରିଙ୍ଗିବଜାର, ନୟାସଡ଼କ, ଅଲିଶାବଜାର, ବାଲୁବଜାର-ବିନୋଦବିହାରୀ, କାଠଗଡ଼ାସାହି, ଗଣେଶଘାଟ, ଶଙ୍କରପୁର-ବାଦାମବାଡ଼ି, ଦରଘାବଜାର, ଗଙ୍ଗାମନ୍ଦିର, ମାଛୁଆବଜାର, ମଙ୍ଗଳାବାଗ, ପିଠାପୁର, ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ, ବିଡ଼ାନାସୀ, ତୁଳସୀପୁର ଓ ଖଟବିନ୍ ସାହି ଭଳି ଅନେକ ଅଞ୍ଚଳରେ ଚାନ୍ଦିମେଢ଼ର ଆକର୍ଷଣ ଦେଖିବାକୁ ମିଳେ। ଏହି ମେଢ଼ଗୁଡ଼ିକର ଓଜନ ଓ କାରୁକାର୍ଯ୍ୟରେ ଭିନ୍ନତା ରହିଥିଲେ ମଧ୍ୟ ସେମାନଙ୍କୁ ଯୋଡ଼ି ରଖିଛି ମା'ଙ୍କ ପ୍ରତି ଭକ୍ତି ଓ ପରମ୍ପରା ପ୍ରତି ନିଷ୍ଠା। କେତେକ ମେଢ଼ରେ ଦୁଇ କୁଇଣ୍ଟାଲରୁ ଅଧିକ ରୂପା ବ୍ୟବହାର ହୋଇଥିବା ବେଳେ ଅନ୍ୟ କେତେକରେ ତିନିରୁ ପାଞ୍ଚ କୁଇଣ୍ଟାଲ ପର୍ଯ୍ୟନ୍ତ ରୂପାର କାରୁକାର୍ଯ୍ୟ ରହିଛି। ରୂପାର ଏହି ମେଢ଼ଗୁଡ଼ିକ ଦଶହରା ସମୟରେ କଟକର ଶିଳ୍ପକଳା ଓ ପରମ୍ପରାକୁ ଏକ ଭିନ୍ନ ଉଚ୍ଚତାକୁ ନେଇଯାଆନ୍ତି। ପ୍ରତ୍ୟେକ ମେଢ଼ ପଛରେ ରହିଛି ଏକ ଇତିହାସ, ଏକ ସଂକଳ୍ପ ଏବଂ ସାହିବାସୀଙ୍କ ଅବଦାନର କାହାଣୀ।

## ଭସାଣି

### ଶେଷ ନୁହେଁ, ଆସନ୍ତା ବର୍ଷକୁ ଅପେକ୍ଷା...

ଗୋଟିଏ ପରେ ଗୋଟିଏ ମା' ମେଲାଣି ନିଅନ୍ତି। ପୁରୀଘାଟ, ଦେବୀଗଡ଼ା ଓ କାଠଯୋଡ଼ିର ଜଳରାଶି ସାକ୍ଷୀ ରହେ ଏହି ଅପୂର୍ବ ଦୃଶ୍ୟର। କାହା କାନ୍ଧରେ ନାଲି ଗାମୁଛା, କାହା ପାଦରେ ନାଚର ତାଳ, ମୁହଁରେ ମା'ଙ୍କ ଜୟଗାନ। ଟୋକାଠାରୁ ବୁଢ଼ା, ସମସ୍ତେ ଏକାକାର। ଢୋଲ, ମହୁରୀ ଓ ବାଜାର ତାଳେ ତାଳେ ଝୁମିଉଠେ ସାରା ସହର। ନାଲି ଗାମୁଛା ଉଡ଼େ, ପାଦରେ ପାଦ ମିଶେ, ଆଖିରେ ଆଖିଏ ଲୁହ ଆଉ ମନରେ ଅସୁମାରି ଆବେଗ। କିନ୍ତୁ ଏ ବିଦାୟରେ ନାହିଁ ଚିରବିଦାୟର ବିଷାଦ। ଏଠି ମା' ଯାଆନ୍ତିନି, ମନ ଭିତରେ ରହିଯାଆନ୍ତି। ମେଢ଼ ଭାଙ୍ଗେ, ସାଜସଜ୍ଜା ଖୋଲେ, ରାସ୍ତାଘାଟ ଖାଲି ହୁଏ; ହେଲେ କଟକିଆଙ୍କ ହୃଦୟରୁ ଲିଭେନି ମା'ଙ୍କ ସ୍ମୃତି। ନାଲି ଗାମୁଛାରେ ବନ୍ଧା ରହିଯାଏ ଭାଇଚାରାର ଡୋରି, ଭସାଣିର ତାଳେ ତାଳେ ଝଙ୍କୃତ ହେଉଥାଏ ଏକତାର ମହାମନ୍ତ୍ର। କଟକର ଭସାଣି ଖାଲି ମା'ଙ୍କୁ ମେଲାଣି ନୁହେଁ, ଏହା ଏକ ଜାତିର ଭାବାବେଗ, ଏକ ସହରର ପରିଚୟ ଆଉ ଭାଇଚାରାର ମହାପର୍ବ। ଆଜି ମା' ଯାଉଛନ୍ତି, କାଲି ପୁଣି ଆସିବେ। ଆଜି ଆଖିରେ ଲୁହ, କାଲି ପୁଣି ଅପେକ୍ଷାରେ ରହିବ ଏହି ସହର। କାରଣ କଟକିଆଙ୍କ ହୃଦୟରେ ମା'ଙ୍କ ପାଇଁ ଭକ୍ତି କେବେ ସରେନି, ନାଲି ଗାମୁଛାର ରଙ୍ଗ କେବେ ଫିକା ପଡ଼େନି, ଭସାଣିର ଉତ୍ସାହ କେବେ ମଉଳେନି। ଏଇ ତ କଟକ! ଯେଉଁଠି ମା'ଙ୍କୁ ବିଦାୟ ଦେବାକୁ ବି ନାଚି ନାଚି ଯିବାକୁ ହୁଏ, ଆଉ ମା'ଙ୍କ ଆଗମନକୁ ଅପେକ୍ଷା କରି କରି ପୁଣି ଗୋଟିଏ ବର୍ଷ ବିତିଯାଏ।

**ପ୍ରଫୁଲ୍ଲ କୁମାର ମହାନ୍ତି**
**ସମୟ ପ୍ରତିନିଧି, କଟକ**








# ସମ୍ବଲପୁରର ନିଆରା ଦୁର୍ଗାପୂଜା

ମାଆ ସମଲେଇଙ୍କ ପୀଠ ସହିତ ପୁରା ସହରରେ ଖୁବ ଧୁମଧାମରେ ପାଳନ କରାଯାଇଥାଏ ମାଆ ଦୁର୍ଗାଙ୍କର ଦଶହରା ପର୍ବ । ଏହି ସମୟରେ ପୁରା ସହରରେ ସୁଉଚ୍ଚ ତୋରଣ ସାଙ୍ଗକୁ ଦେଖିବାକୁ ମିଳିଥାଏ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ । ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ପେଣ୍ଡାଲରେ ମାଆଙ୍କ ଆଶୀର୍ବାଦ ନେବାସହିତ ମେଳା ବୁଲିବାର ମଜା ନେଇଥାଆନ୍ତି ।

## ୧୦୮ ବର୍ଷରେ କାଳୀବାଡ଼ି ଦୁର୍ଗାପୂଜା

ବଙ୍ଗୀୟ ପରମ୍ପରାରୁ ସମ୍ବଲପୁରର ସର୍ବସମାବେଶୀ ଉତ୍ସବ

ଚଳିତବର୍ଷ କାଳୀବାଡ଼ି ଦୁର୍ଗାପୂଜା ୧୦୮ ତମ ବର୍ଷରେ ପଦାର୍ପଣ କରିଛି । ୧୯୧୮ ରୁ ୨୦୨୬ ପର୍ଯ୍ୟନ୍ତ ଏକ ଦୀର୍ଘ ବର୍ଷର ଯାତ୍ରା କେବଳ ପୂଜା ନୁହେଁ, ଏହା ଆସ୍ଥା, ପରମ୍ପରା ଓ ପିଢ଼ି ପରେ ପିଢ଼ିର ତ୍ୟାଗର ଇତିହାସ ଅଟେ । ୨୦୧୬ ମସିହାରେ ଏହି ପୂଜା କମିଟି ଶତବାର୍ଷିକ ପାଳନ କରି ଐତିହାସିକ ପରମ୍ପରାର ଆଉ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ଏହା ନିଜର ବଙ୍ଗୀୟ ପରମ୍ପରାକୁ କେବେ ହରାଇ ନାହିଁ, କିନ୍ତୁ ସମ୍ବଲପୁରର ସାମାଜିକ ଜୀବନରୁ ମଧ୍ୟ କେବେ ଅଲଗା ହୋଇନାହିଁ । ଏହି ମାଟିରେ ଦଶକ ଦଶକ ଧରି ବାସ କରିବା, ଏଠାକାର ସମାଜ ଓ ସଂସ୍କୃତି ସହ ଜଡିତ ହେବା ଏବଂ ନିଜର ଐତିହ୍ୟକୁ ସମ୍ମାନର ସହ ଆଗେଇ ନେବା ଦେଖିବାକୁ ମିଳିଛି । ପ୍ରଥମ ବିଶ୍ୱଯୁଦ୍ଧ ୧୯୧୬ରେ ସମ୍ବଲପୁର କାଳୀବାଡିରେ ଶକ୍ତିମୟୀ କାଳୀଙ୍କ ପୂଜା ପାଇଁ କିଛି ବଙ୍ଗାଳୀ ଯୁବକ ସଂକଳ୍ପ ନେଇଥିଲେ । ଭକ୍ତିପୂତ ଭାବେ ଶକ୍ତିମୟୀ କାଳୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ଏହାପୂର୍ବରୁ ଶାରଳା ନାମକ ବଙ୍ଗୀୟ ନାଟକ ପ୍ରଦର୍ଶନ କରି ଟିକେଟ ବିକ୍ରି ହୋଇଥିବା



୩୧୯ଟଙ୍କାରେ ବ୍ରୁକ୍ସହିଲ ନିକଟରେ ଜମି କିଣିଥିଲେ । ୧୨ ଏପ୍ରିଲ, ୧୯୧୮ ରେ କାଳୀବାଡ଼ି ଟ୍ରଷ୍ଟ ଗଠିତ ହୋଇଥିଲା। ପ୍ରତିଷ୍ଠାତା ରାୟ ସାହେବ ଯୋଗେନ୍ଦ୍ରନାଥ ସେନ, ବାବୁ ରମଣୀ ରଞ୍ଜନ ବସୁ, ବାବୁ ରାଧିକାନାଥ ରାୟ, ବାବୁ ସତ୍ୟରଞ୍ଜନ ଗୁହ ଓ ବାବୁ ସୁଶୀଲ କୁମାର ସରକାରଙ୍କ ସ୍ୱପ୍ନରୁ ଏହି ପୂଜା ଆରମ୍ଭ । ସମ୍ବଲପୁରରେ ଥିବା ବଙ୍ଗାଳୀ ସମୁଦାୟକୁ ଏକାଠି କରିବା ମୂଳ ଉଦ୍ଦେଶ୍ୟ ଥିଲା, ଯାହା ଆଜି ସମ୍ବଲପୁରର ବହୁଭାଷୀ ଓ ସର୍ବସମାବେଶୀ ଉତ୍ସବ ପାଲଟିଛି । ସେମାନେ ୧୯୧୮ ରେ ବଙ୍ଗୀୟ ଶୈଳୀରେ ମୃଣ୍ମୟୀ ପ୍ରତିମା ପ୍ରତିଷ୍ଠା କରି ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରିଥିଲେ । ପ୍ରଥମେ ଚାଳ ଛପର ଘରଟିଏ ନିର୍ମାଣ କରାଯାଇଥିଲା । ସେଠାରେ ଦେବୀ ମାଁ କାଳୀଙ୍କୁ ପ୍ରତିଷ୍ଠା କରାଯାଇଥିଲା । ଦେବୀଙ୍କ ମୂର୍ତ୍ତି ସ୍ଥାପନା ପରେ ନିତ୍ୟ ସେବାପୂଜା ଆରମ୍ଭ ହୋଇଥିଲା । ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ମାଁଙ୍କ ପୂଜାର୍ଚ୍ଚନା ଓ ଦୁର୍ଗାପୂଜା ହୋଇ ଆସୁଛି । ତେବେ ୧୯୮୩ ମସିହାରେ ବର୍ତ୍ତମାନର କାଳୀ ମନ୍ଦିର ପ୍ରତିଷ୍ଠା କରାଯାଇଛି ।

ପ୍ରଥମେ ଚାଳ ଛପର ମଣ୍ଡପରେ ଅନନ୍ତ ଚରଣ ଭଟ୍ଟାଚାର୍ଯ୍ୟ ମୃଣ୍ମୟୀ ମୂର୍ତ୍ତି ଗଢି ପୂଜା କରିଥିଲେ । ପରବର୍ତ୍ତୀ ସମୟରେ କାଶୀରୁ ମହେଶ୍ୱର ବାବୁ, ୧୯୪୦ରୁ ବେଲେଘାଟାର କାଳୀପଦ ଭଟ୍ଟାଚାର୍ଯ୍ୟ, ୨୦୦୩ ଯାଏଁ ସୁଭାଷ ଚକ୍ରବର୍ତ୍ତୀ ସ୍ଥାୟୀ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦୮ ରୁ ଖଡ଼ଗପୁରର



ତାପସ ମିଶ୍ର ଓ କୃଷ୍ଣେନ୍ଦୁ ଚକ୍ରବର୍ତ୍ତୀ ବଙ୍ଗୀୟ ରୀତିରେ ପୂଜା କରୁଛନ୍ତି । କାଳୀବାଡ଼ିର ବିଶେଷତ୍ୱ ଆଡ଼ମ୍ବର ନୁହେଁ, ପରମ୍ପରା । ମହାନଦୀ କୂଳରେ କଳାବଉ ସ୍ନାନରୁ ଆରମ୍ଭ କରି ନବପତ୍ରିକା ପ୍ରବେଶ, ଏକଚାଳା ମୂର୍ତ୍ତି (ଅବିଭକ୍ତ ପରିବାରର ପ୍ରତୀକ), ଧାକର ଧ୍ୱନୀ, ସନ୍ଧ୍ୟାର ଧୁନୁଚି ନୃତ୍ୟ, ଅପରାଜିତା ପୂଜା, ସିନ୍ଦୂର ଖେଳା ଏକ ଐତିହ୍ୟ ବହନ କରେ । ବିସର୍ଜନ ବେଳେ କାନ୍ଧରେ ମା'ଙ୍କୁ ମହାନଦୀ କୂଳକୁ ନେବା ଓ ଚଣ୍ଡୀପାଠ ଅନନ୍ୟ ଅଟେ । ଏସବୁ ଆଧ୍ୟାତ୍ମିକ ପରିବେଶ କେବଳ ବଙ୍ଗୀୟ ସମୁଦାୟ ନୁହେଁ, ସମ୍ବଲପୁରର ବିଭିନ୍ନ ସମୁଦାୟର ଭକ୍ତ ଓ ଦର୍ଶକଙ୍କୁ ମଧ୍ୟ ଆକର୍ଷିତ କରେ। କାଳୀବାଡିର ଇତିହାସ କେବଳ ଦୁର୍ଗାପୂଜାର ଇତିହାସ ନୁହେଁ। ଏହା ନାଟକ, ସଙ୍ଗୀତ, ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଜାଗରଣର ଏକ ମାଧ୍ୟମ ଅଟେ । ଏଥିସହ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାଇଚାରାରେ ଏହି ପୀଠ ସମୃଦ୍ଧି ଲାଭ କରିବାରେ ଲାଗିଛି ।

ବଙ୍ଗୀୟ ମାନେ ପ୍ରଥମେ ଚାକିରି ଓ ବ୍ୟବସାୟ ପାଇଁ ସମ୍ବଲପୁର ଆସିଥିଲେ। ପଶ୍ଚିମ ଓଡିଶା ଘଞ୍ଚ ଜଙ୍ଗଲ ଘେରା ଅଞ୍ଚଳ ରହିଥିଲା। ଗମନାଗମନର ବିଶେଷ ସୁବିଧା ନଥିବାରୁ ସେମାନେ ମହାନଦୀର ଜଳପଥ ଦେଇ ଆସିଥିଲେ। ଶକ୍ତିପୂଜା ଜରିଆରେ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଇ କାଳୀବାଡି ଠାରେ ୧୨ଜଣ ସାଙ୍ଗ ଏକାଠି ହୋଇ ମାଁ ଦକ୍ଷିଣକାଳୀଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ । ଏହାଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ଶାରଦୀୟ ଦଶହରାରେ ମାଁଙ୍କ ପୀଠରେ ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଏ। ଦେବୀ ଦୁର୍ଗାଙ୍କ ଏକଚାଳା ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କରାଯାଏ । ଏହା ଯୌଥ ପରିବାରର ନିର୍ଦ୍ଦେଶନ ବୋଲି କୁହାଯାଏ। ଆଶ୍ୱିନ ମାସ ଷଷ୍ଠୀ ତିଥିରେ ବେଲଗଛକୁ ସଧବା ମହିଳା ମାନେ ନିଜ ସନ୍ତାନର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥାନ୍ତି । ଅଷ୍ଟମୀରେ ସନ୍ଧିପୂଜା ଓ ନବମୀରେ ମହାହୋମ ଓ ବଳିଦାନ ଆଦି ପୂଜାର୍ଚ୍ଚନା ହୋଇଥାଏ । ଦଶମୀ ତିଥୀରେ ମାଁଙ୍କ ଅପରାଜିତା ପୂଜା ସହ ବିସର୍ଜନ କରାଯାଏ । ସଧବା ମହିଳା ମାନେ ସିନ୍ଦୁର ଖେଳ କରିଥାନ୍ତି । ପରସ୍ପରକୁ ସିନ୍ଦୂର ଲଗାଇବାର ପରମ୍ପରା ରହିଛି । ଏହାଦ୍ୱାରା ମହିଳାଙ୍କ ସ୍ୱାମୀ ଦୀର୍ଘାୟୁ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ଦିନ ସଂନ୍ଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରାରେ ମାଁଙ୍କ ଅଶ୍ରୁଳ ବିଦାୟୀ ଦିଆଯାଇଥାଏ । ଏଥିରେ ସବୁ ବର୍ଗର ମହିଳାପୁରୁଷ ସାମିଲ ହୋଇଥାନ୍ତି । ବର୍ଷ ତମାମ ମାଁ ଦକ୍ଷିଣକାଳୀଙ୍କ ଦର୍ଶନ କରିବାକୁ ଭିଡ ଜମିଥାଏ ।

ସମୟ ବଦଳିଛି, ପିଢି ବଦଳିଛି, ସହ ବଦଳିଛି, କିନ୍ତୁ କାଳୀବାଡିର ଢାକର ଶବ୍ଦ ଆଜି ବି ସମାନ ରହିଛି । ଏକ ଛୋଟ ଚାଳିଆ ମଣ୍ଡପରୁ ଆଜି ସମ୍ବଲପୁରର ଆସ୍ଥାର କେନ୍ଦ୍ର। ଏଠି ମୂର୍ତ୍ତି ଗଢା ହୁଏ ନାହିଁ, ପରମ୍ପରା ଗଢା ହୁଏ । ଏଠି କେବଳ ପୂଜା ହୁଏ ନାହିଁ, ପରିବାର ଯୋଡା ହୁଏ । ମାଣିକ ଦା, ନିତ୍ୟ ଦା ଓ ବିମଳ ଦାଙ୍କ ଭଳି ଶହଶହ ନିସ୍ୱାର୍ଥ ହାତ ଏହାକୁ ୧୦୮ ବର୍ଷ ଧରି ଗଢି ତୋଳିଛନ୍ତି । ପୂର୍ବପୁରୁଷଙ୍କ ଏହି ଅବଦାନକୁ ସମ୍ମାନ ଦେବା, ଐତିହ୍ୟ ଓ ପରମ୍ପରାକୁ ଆଗାମୀ ପିଢି ଆଗେଇ ନେବାକୁ ସଂକଳ୍ପ ନେଇଛି । ତେଣୁ କାଳୀବାଡି ଇତିହାସ ନୁହେଁ, ଏହା ଏବେ ବି ଚାଲୁଥିବା ଏକ ଜୀବନ୍ତ ପରମ୍ପରା ।



## ୫୮ ବର୍ଷରେ ଗୋବିନ୍ଦତୋଲା ଦୁର୍ଗାପୂଜା

### ନେପାଳ ମନ୍ଦିର ସଦୃଶ ହେବ ତୋରଣ

ସମ୍ବଲପୁର ସହରର ଐତିହାସିକ ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୫୮ ବର୍ଷରେ ପଦାର୍ପଣ କରିଛି । ୧୯୬୮ ମସିହାରେ କେବଳ ୫ଜଣ ଯୁବକଙ୍କ ପ୍ରୟାସରେ ପାଞ୍ଚ ଶହ ଟଙ୍କାର ଚାନ୍ଦାରେ ଆରମ୍ଭ ହୋଇଥିବା ଏହି ପୂଜା ଆଜି ସହରର ସବୁଠୁ ବଡ଼ ସାଂସ୍କୃତିକ ପରିଚୟ ପାଲଟିଛି । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମା'ଙ୍କ ଆଗମନକୁ ନେଇ ପୁରା ସାହିରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ଏଠାକାର ପୂଜା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡିଶାରେ ପ୍ରସିଦ୍ଧ । ଦୂର ଦୂରାନ୍ତରୁ ଲୋକେ ଦେଖିବାକୁ ଆସନ୍ତି ।

ପୂଜା କମିଟି ସୂଚନା ଅନୁଯାୟୀ, ନେପାଳ ଦେଶର ଏକ ମନ୍ଦିର ସଦୃଶ୍ୟ ତୋରଣ ଏବର୍ଷର ମୁଖ୍ୟ ଆକର୍ଷଣ ହେବ। ଏଥିପାଇଁ ୪୫ଫୁଟ ଉଚ୍ଚତା ଓ ୬୦ଫୁଟ ଚଉଡାର ତୋରଣ କରାଯାଉଛି। ଏଥିପାଇଁ ବାଉଁଶ ବନ୍ଧା କାମ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର କାରିଗର ନିୟୋଜିତ ହୋଇଛନ୍ତି । ପୂଜା ମଣ୍ଡପରେ ଅତ୍ୟାଧୁନିକ ରଙ୍ଗୀନ ଆଲୋକ ମାଳା ଲଗାଯିବ । ଏଥିସହ ୭ଟି ବଡବଡ ଲାଇଟ୍ ଗେଟ୍ ମଧ୍ୟ ନିର୍ମାଣ କରାଯାଉଛି । ଏହାବାଦ୍ ୪୫ଟି ସାଇଟ୍ ଲାଇଟ୍ ଗେଟ୍ ମଧ୍ୟ ଲଗାଯିବ । ରାତିରେ ଏହା ଚମକିବ ଓ ସମ୍ବଲପୁର ସହରକୁ ଆଲୋକିତ କରିବ।

ଆରମ୍ଭରେ ପାଞ୍ଚଶହ ଟଙ୍କାରେ ହେଉଥିବା ପୂଜାର ବଜେଟ ଏବେ ୩୫ ଲକ୍ଷ ଟପିଛି। ସ୍ଥାନୀୟ ବ୍ୟବସାୟୀ ଓ ପ୍ରବାସୀ ସମ୍ବଲପୁରୀ



ଲୋକେ ମୁକ୍ତ ହସ୍ତରେ ଦାନ ଦେଇଛନ୍ତି । ମାଁ ଭୁବନେଶ୍ୱରୀ ଚାରିଭୁଜାରେ ଭକ୍ତଙ୍କ ଦର୍ଶନ ଦେବେ । ମୂର୍ତ୍ତି କାରିଗର କଟକ ଶିଳ୍ପୀସାହିର ଶିବପ୍ରସାଦ ବେହେରା ଓ ତାଙ୍କ ସହଯୋଗୀ ମାଁଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି ।  ମାଁଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ଆଦି ପାଶ୍ୱର୍ ଦେବାଦେବୀଙ୍କ ମଧ ମୂର୍ତ୍ତି ପୂଜା ପାଇବେ। ଏଥର ଇକୋ ଫ୍ରେଣ୍ଡଲି ରଙ୍ଗ ବ୍ୟବହାର ହେଉଛି । ପରିବେଶ ସୁରକ୍ଷା ପାଇଁ ବିଶେଷ ଧାନ ଦିଆଯାଇଛି ।

ଚଳିତବର୍ଷ ଭଷାଣି ଯାତ୍ରାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କଳାହାଣ୍ଡି ରାମପୁରର ଜଙ୍ଗଲୀନାଚ, ମାନେଶ୍ୱର ଡମ୍ବରୁ ନାଚ, ଡିଜେ, ସୋହେଲାର ଦୁଲଦୁଲି, ଅଁଳାପାଲିର ଘଣ୍ଟପାର୍ଟି ଶୋଭାଯାତ୍ରାରେ ସାମିଲ ହେବ । ଗୋବିନ୍ଦତୋଲା ବ୍ରିଜ ଛକରୁ ଶୋଭାଯାତ୍ରା ବାହାରି ଧନୁପାଲି ଛକ ପରିକ୍ରମା କରିବା ପରେ ହରଡ ଯୋର ଅଭିମୁଖେ ଯାତ୍ରା କରିବ । ଚଳିତବର୍ଷ ପୂଜକ ଜଗଦିଶ ପଣ୍ଡା ଓ ପୂର୍ଣ୍ଣେନ୍ଦୁ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇବେ। ତେବେ ୧୫ ନଭେମ୍ବରରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ରହିଛି । ପ୍ରଥମେ ୫ଜଣ ବନ୍ଧୁ ମିଶି ଏହି ପୂଜା ଆରମ୍ଭ କରିଥିଲେ । ସେତେବେଳେ କେହି ସାହାଯ୍ୟ କରୁନଥିଲେ। ଆଜି ପୁରା ସାହି ଏକାଠି ହୁଏ । ଏହା କେବଳ ପୂଜା ନୁହେଁ, ଏକତାର ପ୍ରତୀକ ।

ଏହି ପୂଜାରେ  ସବୁ ଧର୍ମର ଲୋକ ଏକାଠି ହୁଅନ୍ତି । ହିନ୍ଦୁ, ମୁସଲମାନ, ଶିଖ ସମସ୍ତେ ଚାନ୍ଦା ଦିଅନ୍ତି । ଏହା ଆମ ସହରର ଭାଇଚାରାର ଉଦାହରଣ । ଯୁବପିଢି ଏବେ ଦାୟିତ୍ୱ ନେଉଛି ଓ ନୂଆ ଆଇଡିଆ ସହ ସମସ୍ତେ ମିଶି କାମ କରୁଛନ୍ତି । ପ୍ରଶାସନ ପକ୍ଷରୁ ସୁରକ୍ଷା ପାଇଁ ବିଶେଷ ଧାନ ଦିଆଯାଇଛି। ମଣ୍ଡପ ଚାରିପାଖରେ  ସିସିଟିଭି କ୍ୟାମେରା, ପୋଲିସ ମୁତୟନ ଓ ସ୍ୱେଚ୍ଛାସେବୀ ରହିବେ। ଭିଡ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ ଓ ଟ୍ରାଫିକ ପାଇଁ ଅସ୍ଥାୟୀ ରାସ୍ତା ନିୟମ ଲାଗୁ ହେବ। ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ମଧ ସଜାଗ ରହିବ । ମହିଳା ଓ ଶିଶୁଙ୍କ ପାଇଁ ଅଲଗା ପ୍ରବେଶ ପଥ କରାଯାଇଛି । ପାର୍କିଂ ପାଇଁ ପଡିଆରେ ବ୍ୟବସ୍ଥା ହୋଇଛି । କମିଟି ଆଶା କରୁଛି ଏବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ଓ ପୂଜା ସମ୍ବଲପୁରର ଗର୍ବ ବଢାଇବ ।

## ରାଜପ୍ରାସାଦରେ ଝଲସିବ ଧନୁପାଲି ଦୁର୍ଗାପୂଜା



ଦୁର୍ଗାପୂଜା ପାଇଁ ସମ୍ବଲପୁର ସହର ସଜେଇ ହୋଇଛି। ସହର ବିଭିନ୍ନ ପଡାରେ ଏହି ପୂଜା ପାଇଁ ପ୍ରସ୍ତୁତି ସରିଛି । ତୋରଣ, ମୂର୍ତ୍ତି ନିର୍ମାଣ, ଆକର୍ଷଣୀୟ ସାଜସଜା, ରଙ୍ଗବେରଙ୍ଗ ଆଲୋକମାଳା ସଜାଇବାରେ କାରିଗରମାନେ ଅନେକ ପରିଶ୍ରମ କରିଛନ୍ତି। ତେବେ ଚଳିତବର୍ଷ ଧନୁପାଲି ଦୁର୍ଗାପୂଜା କମିଟି କିଛି ନୂଆ ଯୋଜନା କରିଛି । ରାଜପ୍ରାସାଦ ତୋରଣ ମଧରେ ମହିଷାମର୍ଦ୍ଦିନୀ ଶୋଭା ପାଇବେ। ତେବେ ମୁଖ୍ୟ ତୋରଣର ଉଚ୍ଚତା ୫୦ଫୁଟ ଓ ୪୫ଫୁଟ୍ ଚଉଡା ବିଶିଷ୍ଟ ଅଟେ । ପାରମ୍ପରିକ ବାଉଁଶ, ସୋଲ, ପ୍ଲାଏରେ ତୋରଣ କରାଯାଉଛି। ଏହାକୁ ଯାଜପୁର ଜିଲ୍ଲା କୁଆଖାଇର କାରିଗର ମାନେ ନିର୍ମାଣ କରୁଛନ୍ତି। ଏଥିସହ ବିଭିନ୍ନ ରାସ୍ତାରେ ୫ଟି ବଡ ଲାଇଟ୍ ଗେଟ୍ ସହ ୪୦ଟି ସାଇଡଗେଟ୍ ଲଗାଯାଇଛି । କଟକ ଜିଲ୍ଲା ଜଗତପୁରର କାରିଗର ମାନେ ଏହି ଆଲୋକସଜ୍ଜା କାମ କରୁଛନ୍ତି । ଚଳିତବର୍ଷ ଧନୁପାଲି ସାର୍ବଜନୀନ ଦୁର୍ଗାପୂଜା ୫୨ତମ ବର୍ଷରେ ପଦାର୍ପଣ କରିଛି । ଏହି ପୂଜା ୧୯ ୭୪ ମସିହାରେ ମାତ୍ର ୧ହଜାର ଟଙ୍କାରେ ଆରମ୍ଭ ହୋଇଥିଲା । ଏବର୍ଷ ବଜେଟ୍ ୨୭ ଲକ୍ଷ ଟଙ୍କା ରହିଛି । ଉତ୍ତର ଭାରତର ଢାଞ୍ଚାରେ ଏକ ନିର୍ମିତ ରାଜପ୍ରାସାଦରେ ୧୦ଫୁଟ ଉଚ୍ଚର ଦଶଭୂଜା ମହିଷାମର୍ଦ୍ଦିନୀ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଦୁର୍ଗା ମୂର୍ତ୍ତି ନିର୍ମାଣ  ନୟାଗଡ଼ ଜିଲ୍ଲା ଇଟାମାଟି ଦେଉଳସାହିର ଅଜିତ୍ ମହାପାତ୍ର ଓ ସୁବାସ ମହାପାତ୍ର କରିଛନ୍ତି । ୧୬ ତାରିଖ ଷଷ୍ଠୀ ତିଥିରେ ହରଡ଼ଯୋରରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲେ। ଏହାପରେ ପୂଜାମଣ୍ଡପରେ କଳସ ସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା।  ଏହାପରେ ମହାସପ୍ତମୀ ପୂଜାରମ୍ଭ, ମହାଅଷ୍ଟମୀ ଓ ଭାଇଜିଉଁନ୍ତିଆ ବ୍ରତ, ମହାନବମୀ ସହ ଚଣ୍ଡୀହୋମ ଓ ୨୧ରେ ବିଜୟା ଦଶମୀ ପୂଜାରମ୍ଭ, ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା କରାଯିବ । ପ୍ରତ୍ୟେକ ସନ୍ଧ୍ୟାରେ ଆଳତୀ କାର୍ଯ୍ୟକ୍ରମ ରହିଛି ।

ଚଳିତବର୍ଷ ବିସର୍ଜନ ଶୋଭାଯାତ୍ରା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିସର୍ଜନ ଶୋଭାଯାତ୍ରାରେ ରାୟଗଡର ଝାଞ୍ଜ, ଘଣ୍ଟଦଳ, ଗୌରବାଡ. କାଳୀ ମାଁ ନୃତ୍ୟ ସହ ସ୍ଥାନୀୟ କଳାକାର ମାନେ ସାମିଲ ହେବେ । ଶୋଭାଯାତ୍ରା ଶଙ୍କର ମଠରୁ ବାହାରି ଧନୁପାଲି ଛକ ଦେଇ ମହାବୀରପଡାରୁ ଧନୁପାଲି ଛକରୁ ଫେରିବ । ପରେ ଗୋବିନ୍ଦତୋଲା , ପୁଟିବନ୍ଧ ଯାଇ ହରଡଯୋରରେ ମାଁ ଦୁର୍ଗାଙ୍କୁ ବିସର୍ଜନ କରାଯିବ । ଏହା ଅପରାହ୍ନ ୩ଟାରୁ ରାତି ୧୦ମଧରେ ଶେଷ ହେବାକୁ ସ୍ଥିର କରାଯାଇଛି । ପଣ୍ଡିତ ନିରଞ୍ଜନ ଷଡଙ୍ଗୀ ପୂଜାର୍ଚ୍ଚନା , ଧନୁପାଲିର ମନୋରଞ୍ଜନ ପଣ୍ଡା ଓ ମମତା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇବେ ।

ଧନୁପାଲିର ପୂଜା କେବଳ ଏହି ଅଞ୍ଚଳର ନୁହେଁ, ଏହା ସମଗ୍ର ସମ୍ବଲପୁରର ପୂଜା । ଏକ ଛୋଟ ସ୍ୱପ୍ନରୁ ଆରମ୍ଭ ହୋଇଥିବା ପୂଜା ଆଜି ହଜାରହଜାର ଲୋକଙ୍କ ଆସ୍ଥା ପାଲଟିଛି । ରାଜପ୍ରାସାଦର ଚମକ ରହିବ, ଲାଇଟ୍‌ର ରୋଶନୀ ଲିଭିଯିବ । କିନ୍ତୁ ମାଁଙ୍କ ପାଖରେ ଯୋଡ ହାତରେ ଠିଆ ହୋଇଥିବା ସେହି ଭିଡ କହିବ - ଏହି ପୂଜା ଆମର , ଏହି ପରମ୍ପରା ଆମର ।

**ସତ୍ୟଜିତ୍ ମହାପାତ୍ର**
**ସମୟ ପ୍ରତିନିଧି, ସମ୍ବଲପୁର**



# ଇସ୍ପାତ ନଗରୀରେ ଉତ୍ସବ

**ଓଡ଼ିଶାର ଅନ୍ୟ ସହର ଭଳି ରାଉରକେଲାରେ ଖୁବ ଧୁମଧାମରେ ପାଳନ ହୋଇଥାଏ ମାଆ ଦୁର୍ଗାଙ୍କର ଦଶହରା ପୂଜା । ଏଠାରେ ଥିବା ବିଭିନ୍ନ ଛୋଟବଡ ମଣ୍ଡପରେ ମାଆଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥାଆନ୍ତି । ପୁରା ସହର ମାଆଙ୍କର ଭକ୍ତିରେ ପୁରିଉଠେ ।**

## ସ୍ୱାମୀନାରାୟଣ ମନ୍ଦିର ଢାଞ୍ଚାରେ ମଣ୍ଡପ

ଇସ୍ପାତ ନଗରୀ ରାଉରକେଲାରେ ଦୁର୍ଗାପୂଜାକୁ ନେଇ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି । ପ୍ରତିବର୍ଷ ଏଠାରେ ଖୁବ ଧୁମଧାମରେ ଦୁର୍ଗାପୂଜା ପାଳନ ହୋଇଥାଏ । ସହରର ସେକ୍ଟର-୨ ଜୟଦେବ ନଗରସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଏହାର ବଜେଟ୍ ୩୦ ଲକ୍ଷ ହୋଇଥିବାବେଳେ, ଚାନ୍ଦି ମୁକୁଟ, କଟକୀ ବୁଲିୟନ ମେଢ଼ ସହ ମୀନାବଜାର, ରାମଦୋଳି ଓ ଫୁଡ୍ କୋର୍ଟ ଏହାର ଆକର୍ଷଣ ପାଲଟିବ । ୧୯୫୮ ମସିହାରୁ ଏହି କମିଟି ପକ୍ଷରୁ ଦୁର୍ଗାପୂଜା ଆୟୋଜିତ ହୋଇଆସୁଥିବାବେଳେ, ୨୦୨୬ ମସିହାର ପୂଜା ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କାର ବଜେଟ୍ ନିର୍ଦ୍ଧାରଣ କରାଯାଇଛି । ଚଳିତ ବର୍ଷର ପ୍ରମୁଖ ଆକର୍ଷଣ ହେଉଛି ଗୁଜରାଟର ପ୍ରସିଦ୍ଧ ସ୍ୱାମୀନାରାୟଣ ମନ୍ଦିରର ଢାଞ୍ଚାରେ ନିର୍ମାଣ ହେଉଥିବା ମଣ୍ଡପ । ମଣ୍ଡପର ଆକର୍ଷଣୀୟ କାରୁକାର୍ଯ୍ୟ ସହ ମା' ଦୁର୍ଗା ଓ ଅନ୍ୟ ଦେବାଦେବୀଙ୍କ ମସ୍ତକରେ ଚାନ୍ଦିର ମୁକୁଟ ଶୋଭା ପାଇବ । ଏହା ସହ କଟକର ବୁଲିୟନ ମେଢ଼ ମଣ୍ଡପର ଶୋଭାକୁ ଆହୁରି ବଢ଼ାଇବ । ମୂର୍ତ୍ତି ଓ ମେଢ଼ ନିର୍ମାଣ ଦାୟିତ୍ୱରେ ବାପି ବିନ୍ଧାଣୀ ରହିଥିବାବେଳେ, ସାଜସଜ୍ଜା ଦାୟିତ୍ୱ ମୁନ୍ନା ଡେକୋରେଟର ନେଇଛନ୍ତି । ପୂଜା କମିଟିର ସଭାପତି ଦୁର୍ଗାଚରଣ ଜେନା, ସମ୍ପାଦକ ବିରେନ୍ଦ୍ର ନାରାୟଣ ସ୍ୱାଇଁ, କୋଷାଧ୍ୟକ୍ଷ ରଞ୍ଜନ ବାରିକ ଏବଂ କାର୍ଯ୍ୟକାରୀ ସଭାପତି ଆଦିତ୍ୟ ବାରିକଙ୍କ ନେତୃତ୍ୱରେ ପୂଜା ପ୍ରସ୍ତୁତି ଚାଲିଛି । କାର୍ଯ୍ୟକର୍ତ୍ତା ସନାତନ ସୁନାନୀ, ପି.କେ. ବିହାରୀ, ପ୍ରତାପ ସେଠି, ମନୋଜ ଦୋରା, ଜଗତ ବଲ୍ଲଭ ସାହୁ, ସିପୁ, ବାନା, ପ୍ରକାଶ, ବାଟାଙ୍କ ସମେତ ଅନ୍ୟ ସଦସ୍ୟମାନେ ଆୟୋଜନରେ ସହଯୋଗ କରୁଛନ୍ତି । କମିଟିରେ ପ୍ରାୟ ୨୦୦ ଜଣ ସଦସ୍ୟ ଅଛନ୍ତି । କେବଳ ମଣ୍ଡପ ଓ ପୂଜା ନୁହେଁ, ଦର୍ଶକଙ୍କ





## ପରୀମହଲ ପାଲଟିଛି ସେକ୍ଟର-୧୬

ରାଧାନାଥ ନଗର ପଡ଼ିଆରେ ଭବ୍ୟ ଦୁର୍ଗାପୂଜା ପ୍ରସ୍ତୁତି, ବଜେଟ୍ ୩୦ରୁ ୩୨ ଲକ୍ଷ ଟଙ୍କା । ମା' ଦୁର୍ଗାଙ୍କ ଆଗମନକୁ ନେଇ ଇସ୍ପାତ ନଗରୀ ରାଉରକେଲା ଏବେ ପାର୍ବଣମୟ । ସହରର ବିଭିନ୍ନ ପୂଜାମଣ୍ଡପରେ ଚାଲିଛି ଜୋରଦାର ପ୍ରସ୍ତୁତି । ଏହି କ୍ରମରେ ସେକ୍ଟର-୧୬ ପୂଜା କମିଟି ପକ୍ଷରୁ ରାଧାନାଥ ନଗର ଅଞ୍ଚଳର ପଡ଼ିଆରେ ଚଳିତବର୍ଷ ଏକ ଆକର୍ଷଣୀୟ ଓ ଭବ୍ୟ ପୂଜାମଣ୍ଡପ ପ୍ରସ୍ତୁତ କରାଯାଇଛି । ମା'ଙ୍କ ଆଗମନରେ ଏଠାକାର ମଣ୍ଡପ ଏବେ ସତେ ଯେମିତି ଏକ ସୁନ୍ଦର ପରୀମହଲର ରୂପ ନେଇଛି । ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ଓ ମନୋରମ ପରିବେଶ ଶ୍ରଦ୍ଧାଳୁଙ୍କ ମନ ମୋହିବ ବୋଲି ଆଶା ରହିଛି । ପ୍ରାୟ ୬୭ ବର୍ଷର ପରମ୍ପରା ବହନ କରୁଥିବା ଏହି ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଛି । ଚଳିତବର୍ଷର ମଣ୍ଡପକୁ ପରୀମହଲ ଶୈଳୀରେ ନିର୍ମାଣ କରାଯାଇଛି । ମା' ଦୁର୍ଗାଙ୍କୁ ଏକ ମନୋରମ ପରିବେଶରେ ବିରାଜମାନ କରାଇବା ସହ ଶ୍ରଦ୍ଧାଳୁଙ୍କୁ ଏକ ନିଆରା ଅନୁଭୂତି ଦେବା ପାଇଁ କମିଟିର ସଦସ୍ୟମାନେ ନିଜର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ମିଳିଥିବା ସୂଚନା ଅନୁସାରେ, ମଣ୍ଡପ ନିର୍ମାଣ ଓ ସାଜସଜ୍ଜା କାର୍ଯ୍ୟ ପ୍ରାୟ ୯୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ମା'ଙ୍କ ପ୍ରତିମା ନିର୍ମାଣ ପାଇଁ କୋଲକାତାରୁ ମୂର୍ତ୍ତିକାରଙ୍କୁ ଡକାଯାଇଥିବା ବେଳେ ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ଓ ନିର୍ମାଣ କାର୍ଯ୍ୟ ପାଇଁ ମଧ୍ୟ କୋଲକାତାରୁ ସଜସଜ୍ଜା କାରିଗରଙ୍କୁ ଅଣାଯାଇଛି । କାରିଗରମାନଙ୍କ କଳାକୌଶଳ ଓ କମିଟିର ଯୋଜନାବଦ୍ଧ ଉଦ୍ୟମରେ ପୂଜାମଣ୍ଡପ ଏକ ନୂଆ ରୂପ ପାଇଛି । ମା'ଙ୍କ ଆଗମନ ପୂର୍ବରୁ ପ୍ରସ୍ତୁତିକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ କମିଟି ସଦସ୍ୟମାନେ ଲାଗିପଡ଼ିଛନ୍ତି । ପୂଜାର ଆୟୋଜନକୁ ସୁଚାରୁ ରୂପେ ସମ୍ପନ୍ନ କରିବା ସହ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ମଣ୍ଡପ ଅଞ୍ଚଳରେ ସିସିଟିଭି କ୍ୟାମେରା ମାଧ୍ୟମରେ ନଜର ରଖିବା ସହ ପୋଲିସ ପ୍ରଶାସନର ସହଯୋଗରେ ଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି ଚାଲିଛି । ଶ୍ରଦ୍ଧାଳୁଙ୍କ ଯାତାୟାତକୁ ସହଜ କରିବା ପାଇଁ ପାର୍କିଂ ବ୍ୟବସ୍ଥା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । କେବଳ ଧାର୍ମିକ ଆୟୋଜନ ନୁହେଁ, ଛୋଟ ପିଲା ଓ ପରିବାର ସହ ଆସୁଥିବା ଦର୍ଶକଙ୍କ ମନୋରଞ୍ଜନ ପାଇଁ ମଧ୍ୟ ଦୋଳିର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ପୂଜାମଣ୍ଡପ ଦର୍ଶନ ସହ ପରିବାର ସଦସ୍ୟମାନେ ମନୋରଞ୍ଜନର ସୁଯୋଗ ପାଇପାରିବେ । ଚଳିତବର୍ଷ ପୂଜା ଆୟୋଜନ ପାଇଁ ପ୍ରାୟ ୩୦ରୁ ୩୨ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି । ପ୍ରାୟ ଛଅ ଦଶନ୍ଧି ଧରି ଚାଲିଆସୁଥିବା ଏହି ପୂଜା ପରମ୍ପରା ଆଜି ମଧ୍ୟ ସ୍ଥାନୀୟ ଅଞ୍ଚଳର ଧାର୍ମିକ ଆସ୍ଥା ଓ ସାମୂହିକ ଏକତାର ପ୍ରତୀକ ହୋଇ ରହିଛି । କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମିଳିତ ପ୍ରୟାସରେ ଏବର୍ଷର ପରୀମହଲ ଶୈଳୀର ମଣ୍ଡପ ଦର୍ଶକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ପାଲଟିବ ବୋଲି ଆଶା କରାଯାଉଛି । ସାଧାରଣଲୋକ ମଧ୍ୟ ଏହାର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

ମନୋରଞ୍ଜନ ପାଇଁ ମଧ୍ୟ ଏଠାରେ ବିଭିନ୍ନ ଆୟୋଜନ ରହିଛି । ମୀନାବଜାର, ରାମଦୋଳି ଓ ଫୁଡ୍ କୋର୍ଟ ପୂଜା ପରିସରକୁ ଅଧିକ ଆକର୍ଷଣୀୟ କରିବ । ମୀନାବଜାରରେ ବିଭିନ୍ନ ସାମଗ୍ରୀ ଓ ମନୋରଞ୍ଜନର ସୁଯୋଗ ମିଳିବା ସହ ରାମଦୋଳି ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବାର ଆଶା ରହିଛି । ଅନ୍ୟପଟେ, ଫୁଡ୍ କୋର୍ଟରେ ବିଭିନ୍ନ ପ୍ରକାର ଖାଦ୍ୟର ସୁଯୋଗ ମିଳିବା ଫଳରେ ପରିବାର ସହ ପୂଜା ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଏହା ଏକ ମନୋରଞ୍ଜନମୟ ପରିବେଶ ସୃଷ୍ଟି କରିବ । ଏହି ସବୁ ଆୟୋଜନ ପୂଜା ମଣ୍ଡପକୁ କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ମିଳନ ଓ ମନୋରଞ୍ଜନର ଏକ ସ୍ଥାନ ଭାବେ ଗଢ଼ିତୋଳିବାରେ ସହାୟକ ହେବ । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା ରହିଛି । ଚାଉଳ, ମିଠା ଓ ହାଲୁଆ ଆଦି ପ୍ରସାଦ ବଣ୍ଟନ କରାଯିବ । ବିଶେଷକରି ଅଷ୍ଟମୀ ଦିନକୁ କମିଟି ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି । ଅନ୍ୟପଟେ, ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ମଣ୍ଡପ ପରିସରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଥିବାବେଳେ ଘରୋଇ ସୁରକ୍ଷାକର୍ମୀ ମୁତୟନର ବ୍ୟବସ୍ଥା କରାଯାଇଛି । କମିଟିର ସଦସ୍ୟମାନେ ମଧ୍ୟ ଭିଡ଼ ପରିଚାଳନା, ଶୃଙ୍ଖଳା ରକ୍ଷା ଓ ଦର୍ଶକଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବାରେ ସାମିଲ ହେବେ । ଦୀର୍ଘ ୬୮ ବର୍ଷର ପରମ୍ପରାକୁ ଆଗକୁ ବଢ଼ାଇ ସେକ୍ଟର-୨ ଦୁର୍ଗାପୂଜା କମିଟି ଚଳିତ ବର୍ଷ ଧାର୍ମିକ ଆସ୍ଥା, ଆକର୍ଷଣୀୟ ମଣ୍ଡପ, ମନୋରଞ୍ଜନ ଓ ସୁରକ୍ଷାର ସମନ୍ୱୟ ରଖିବାକୁ ଉଦ୍ୟମ କରିଛି । ଏହି ଆୟୋଜନ ରାଉରକେଲାବାସୀଙ୍କ ପାଇଁ ଦୁର୍ଗାପୂଜାର ଆନନ୍ଦକୁ ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି ।



### ସେକ୍ଟର-୧୬ ପୂଜା କମିଟି

- ସଭାପତି: ଶ୍ରୀନିବାସ ପ୍ରଧାନ
- ସମ୍ପାଦକ: ଅନୁରୁଦ୍ଧ ଖଣ୍ଡୁଆଳ
- କୋଷାଧ୍ୟକ୍ଷ: ସଞ୍ଜୟ ମହାନ୍ତି
- ମୁଖ୍ୟ ସଂଯୋଜକ: ଅବିନାଶ ପ୍ରଧାନ
- ମୁଖ୍ୟ ଉପଦେଷ୍ଟା: ଶୁକୁ ବିଭାର
- କାର୍ଯ୍ୟକାରୀ ସଭାପତି: ଅନିଲ ସିଂ
- ଉପସଭାପତି: ଅଶିମ ପରିଡ଼ା
- ଯୁଗ୍ମ କୋଷାଧ୍ୟକ୍ଷ: ପଙ୍କଜ ସାମଲ
- ଯୁଗ୍ମ ସମ୍ପାଦକ: ପ୍ରଦୀପ ନାୟକ ଓ ପ୍ରିୟରଞ୍ଜନ ଗୌଡ଼
- ଉପଦେଷ୍ଟା: ନରହରି ସୁତାର ଓ ସତ୍ୟବ୍ରତ ମହାପାତ୍ର

ଏହା ସହିତ କମିଟିରେ ୭୦ରୁ ଅଧିକ ସଦସ୍ୟ ରହି ପୂଜାର ସମସ୍ତ ଆୟୋଜନକୁ ସଫଳ କରିବା ପାଇଁ ସହଯୋଗ କରୁଛନ୍ତି ।

**ଶିବ ଶଙ୍କର ସାମଲ**
ସମୟ ପ୍ରତିନିଧି